## ସଂକ୍ଷେପରେ

### ୧୪୦ ଲିଟର ବିଦେଶୀ ମଦ ଜବତ, ୨ ଗିରଫ




ମାଲକାନଗିରି,୨୦।୩ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଥାନା ପୋଲିସ ପାଟ୍ରୋଲିଂ ସମୟରେ ୧୪୦ଲିଟର ବିଦେଶୀ ମଦ ଜବତ ସହିତ ୨ ଚୋରା ଚାଲାଣକାରୀଙ୍କୁ ଗିରଫ କରିଛନ୍ତି। ମାଲକାନଗିରି ଏସ୍‌ପି ନିତେଶ ୱାଧାନୀଙ୍କ ନିର୍ଦ୍ଦେଶ କ୍ରମେ ଆଇଆଇସି ରିଗାନ କିଣ୍ଡୋଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ଦିବ୍ୟଚନ୍ଦ୍ର କୁଳଦୀପଙ୍କ ନେତୃତ୍ୱରେ ପୋଲିସ ଟିମ୍ ମାଲକାନଗିରି ବାଲିମେଳା ମୁଖ୍ୟରାସ୍ତା ଏୟାର ପୋର୍ଟ ନିକଟ ଛକରେ ପାଟ୍ରୋଲିଂ ସମୟରେ ସେହି ରାସ୍ତା ଦେଇ ୨ ଯୁବକ ଦ୍ରୁତଗତିରେ ଗାଡିରେ ପଳାଉଥିବାର ଦେଖି ସେମାନଙ୍କୁ ଧରିଥିଲେ। ସେମାନଙ୍କ ନିକଟରୁ ୧୧ଟି କାର୍ଟୁନରେ ଥିବା ବିଭିନ୍ନ ବ୍ରାଣ୍ଡର ୧୪୦ଲିଟର ୬୪୦ଗ୍ରାମ ବିଦେଶୀ ମଦ ଜବତ କରିଥିଲେ। ଗିରଫ ବ୍ୟକ୍ତିମାନେ ହେଲେ ବିହାର ୱାରଙ୍ଗବାଦର ରଞ୍ଜନ କୁମାର ଓ ଗୁଡ୍ଡୁକୁମାର। ଦୁହେଁ ମାଲକାନଗିରି ଥାନା ଏମ୍‌ଭି ୨ ଗ୍ରାମରେ ରହି ଚୋରା ମଦ କାରବାର କରୁଥିବାର ଜଣାପଡିଛି। ଦୁଇଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି।

### ଚେରମୂଳି ଔଷଧ ଖାଇ ଜଣଙ୍କ ମୃତ୍ୟୁ ଅଭିଯୋଗ, ୨ ଗୁରୁତର

ଦଶମନ୍ତପୁର, ୨୦।୩ ( ଅରବିନ୍ଦ ନାୟକ )

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗିର୍ଲିଗୁମ୍ମା ପଞ୍ଚାୟତ ଅଧିନ ଛତାମ୍ବ ଗ୍ରାମରେ ଚେରମୂଳି ଔଷଧ ଖାଇ ଜଣଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟ୨ ଜଣ ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ମୃତ ବ୍ୟକ୍ତି ହେଲେ ଦୀପାତ ନାୟକ (୪୫)।

ମୃତକ ଦୀପାତଙ୍କ ସ୍ତ୍ରୀ ମରିଚି ମୋତି ନାୟକଙ୍କ ଅଭିଯୋଗ ଅନୁଯାୟୀ, ଗତ କିଛି ଦିନ ପୂର୍ବେ ଗାଁର ବାରୁ ମୁଦୁଲିଙ୍କ ଘରେ ବିବାହ କାର୍ଯ୍ୟକ୍ରମ ଚାଲିଥିଲା। ଗ୍ରାମର ଦୀପାତ ନାୟକ, ମଧୁ ମୁଦୁଲି ଓ ସମ୍ବାରୁ ମୁଦୁଲ ଭୋଜି ଖାଇବାକୁ ଯାଇଥିଲେ। ଭୋଜି ଖାଇବା ପରେ ଅସୁସ୍ଥ ଲାଗିବାରୁ ସେମାନେ ଗାଁର ଜଣେ ଦିଶାରୀଙ୍କଠାରୁ ଚେରମୁଳି ଔଷଧ ଖାଇଥିଲେ। ଏହି ଔଷଧ ଖାଇବାର କିଛି ସମୟ ମଧ୍ୟରେ ଘଟଣାସ୍ଥଳରେ ଦୀପାତଙ୍କ ମୃତ୍ୟୁ ଘଟିଥିବା ତାଙ୍କ ସ୍ତ୍ରୀ ମରିଚି ଅଭିଯୋଗ କରିଛନ୍ତି। ସମ୍ବାରୁ ମୁଦୁଲି ଓ ମଧୁଙ୍କର କ୍ରମାଗତ ରକ୍ତବାନ୍ତି ହେବାକୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବା ମଧୁଙ୍କ ସ୍ତ୍ରୀ କାନ୍ଦୁ ମୁଦୁଲି କହିଛନ୍ତି। ଦୀପାତଙ୍କ ହଠାତ ମୃତ୍ୟୁକୁ ନେଇ ସ୍ତ୍ରୀ ମରିଚି ମୁରାନ ଫାଣ୍ଡିରେ ଅଭିଯୋଗ କରିବା ପରେ ଭୋଜିରେ ରୋଷେଇ କାର୍ଯ୍ୟରେ ନିୟୋଜିତ ଥିବା ଗ୍ରାମର ମୋଟ ୭ ଜଣଙ୍କୁ ଫାଣ୍ଡିରେ ଅଟକ ରଖି ପଚରାଉଚୁରା କରାଯାଇଥିଲା । ଦୀପାତଙ୍କ ମୃତ୍ୟୁ ପରେ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ଜିଲାରେ ୨୧୫ରୁ ଊର୍ଦ୍ଧ୍ୱ ବିଦ୍ୟାଳୟରେ ନାହିଁ ଖେଳପଡିଆ

## ଖେଳ ସାମଗ୍ରୀ କିଣିବା ରସିଦରେ ସୀମିତ: ଡିଇଓ

ମାଲକାନଗିରି,୨୦।୩(ଦୁର୍ଯ୍ୟୋଧନ ପାତ୍ର)

କେନ୍ଦ୍ର ଏବଂ ରାଜ୍ୟ ସରକାର କ୍ରୀଡାକୁ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ଆନ୍ତର୍ଜାତୀୟ ହକି ଷ୍ଟାଡିୟମ, ବାରବାଟୀରେ ବହୁମୁଖୀ କ୍ରୀଡା ଭବନ, ପ୍ରତି ଜିଲାରେ କ୍ରୀଡା ଭବନ ସହ ଶିକ୍ଷା ବିଭାଗକୁ ନିୟମ ଅନୁଯାୟୀ ଛାତ୍ରୀଛାତ୍ରଙ୍କ ପାଠପଢା ସହ କ୍ରୀଡାକୁ ଅଗ୍ରାଧିକାର ଦିଆଯାଉଛି। ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ମାଲକାନଗିରି ଜିଲାରେ ୧୨୮୧ ସରକାରୀ ବିଦ୍ୟାଳୟ ଥିବା ବେଳେ ସେଥିରୁ ୮୧୭ ପ୍ରାଥମିକ ବିଦ୍ୟାଳୟ, ୪୪୯ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୧୦୪ ଉଚ୍ଚ ବିଦ୍ୟାଳୟ, ୪ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ୭ ଆଦର୍ଶ ବିଦ୍ୟାଳୟ ରହିଛି। କିନ୍ତୁ ଶିକ୍ଷା ବିଭାଗର ରିପୋର୍ଟ ଅନୁଯାୟୀ ୨୧୫ ବିଦ୍ୟାଳୟରେ ଖେଳ ପଡିଆ ନାହିଁ। ବାସ୍ତବରେ ଜିଲାରେ ଅନେକ ଆଭ୍ୟନ୍ତରୀଣ ଅଞ୍ଚଳରେ ଖେଳ ପଡିଆ ନ ଥିବା ଏହି ସଂଖ୍ୟା ଅଧିକ ହେବ ବୋଲି ଶିକ୍ଷାବିତ୍‌ମାନେ ମତ ଦେଇଛନ୍ତି।

ଯେଉଁ ବିଦ୍ୟାଳୟକୁ ଲାଗି ସ୍ୱଳ୍ପ ଜାଗା ଅଛି ଯାହାକି ଖେଳ ପଡିଆ ପାଇଁ ଉପଯୁକ୍ତ ନୁହେଁ, ତାକୁ ବିଦ୍ୟାଳୟ କର୍ତ୍ତୃପକ୍ଷ ଖେଳ ପଡିଆ ଦର୍ଶାଇ ସରକାରଙ୍କ ଅନୁଦାନରେ ବିଭିନ୍ନ ଖେଳ ସାମଗ୍ରୀ କିଣିଥିବା ଜଣାପଡିଛି। ଛାତ୍ରୀଛାତ୍ରମାନେ ଶାରିରୀକ ଖେଳ ଖେଳିବା ପାଇଁ କ୍ରିକେଟ୍, ଫୁଟବଲ, ହକି ଆଦି ଖେଳ ସାମଗ୍ରୀ ଖରିଦ କରିବା ସହ ଭାର ଉତ୍ତୋଳନ ସେଟ୍, ବାସ୍କେଟ ବଲ, ଲୁଡୁ, କ୍ୟାରମ୍‌ବୋର୍ଡ, ବ୍ୟାଡମିଣ୍ଟନ, ଥ୍ରୋ ବଲ୍, ଜାବଲିଙ୍ଗ ଥ୍ରୋ, ହାଇହର୍ଡଲସ୍, ହାଣ୍ଡ ବଲ, ଭଲି, ନେଟ୍, ଚେଶ୍, ଫୁଟ ପମ୍ପ, ଯୋଗ ପାଇଁ ମେଟ୍, ଫାଷ୍ଟ ଏଡ୍, ଷ୍ଟପ୍ ବାଚ୍, ବଲ ପୋଷ୍ଟ, ନେଟ୍ ଆଦି ବିଭିନ୍ନ ସାମଗ୍ରୀ ପାଇଁ ଅର୍ଥ ପ୍ରଦାନ କରାଯାଇଛି। ୧୨୮୧ ବିଦ୍ୟାଳୟକୁ ଖେଳ ସାମଗ୍ରୀ ଖରିଦ କରିବା ପାଇଁ ପ୍ରତି ପ୍ରାଥମିକ ବିଦ୍ୟାଳୟକୁ ୫ ହଜାର, ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ୧୦ ହଜାର, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଛି। ଚଳିତ ବର୍ଷ ଜିଲାରେ ଥିବା ସମସ୍ତ ସରକାରୀ ବିଦ୍ୟାଳୟକୁ ମୋଟ ୧ କୋଟି ୩ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଅନେକ ବିଦ୍ୟାଳୟ କର୍ତ୍ତୃପକ୍ଷ ଏହି ଅର୍ଥରେ ସବୁ ସାମଗ୍ରୀ ଖରିଦ କରିଥିବା ଦର୍ଶାଇଥିଲା ବେଳେ ବାସ୍ତବରେ ଭାଉଚର କରାଯାଇ ଅଳ୍ପ କିଛି ଖେଳ ସାମଗ୍ରୀ ଖରିଦ କରାଯାଇଥିବା କେତେକ ଶିକ୍ଷାବିତ୍ ପରିଚାଳନା କମିଟି ସଦସ୍ୟ ଅଭିଯୋଗ କରିଛନ୍ତି। ଖେଳ ପଡିଆର ଅଭାବ ଯୋଗୁ ପ୍ରାୟ ୪ ଶହରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ଛାତ୍ରୀଛାତ୍ର କ୍ରୀଡାରୁ ବଞ୍ଚିତ ହେଉଛନ୍ତି। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ସାହୁଙ୍କୁ ପଚାରିବାରୁ ମୁଁ ଏଠାରେ ନୂଆରେ ଜିଲା ଶିକ୍ଷାଧିକାରୀ ଭାବେ ଯୋଗ ଦେଇଛି। ରାଜ୍ୟ ସରକାର ପ୍ରତି ତହସିଲଦାରଙ୍କୁ ସମସ୍ତ ବିଦ୍ୟାଳୟ ନିକଟରେ ଖେଳ ପଡିଆ ପାଇଁ ଜମି ଯୋଗାଇ ଦେଇ ବିଦ୍ୟାଳୟ ସହ ଖେଳ ପଡିଆର ପଟ୍ଟା ତୁରନ୍ତ ପ୍ରଦାନ କରିବା ପାଇଁ କିଛି ବର୍ଷ ପୂର୍ବରୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମାଲକାନଗିରି ଜିଲାରେ କେଉଁ କେଉଁ ବିଦ୍ୟାଳୟରେ ଆଜି ପର୍ଯ୍ୟନ୍ତ ଖେଳ ପଡିଆ ଏବଂ ବିଦ୍ୟାଳୟକୁ ପଟ୍ଟା ଦିଆଯାଇ ନାହିଁ ତାର ତଦନ୍ତ କରାଯିବ । ସରକାରୀ ଅର୍ଥ ଅପବ୍ୟବହାର କରୁଥିବାର ତଦନ୍ତ କରାଗଲା ପରେ ଉପଯୁକ୍ତ ପଦକ୍ଷେପ ନିଆ ଯିବ ବୋଲି କହିଛନ୍ତି ।

# ନୃସିଂହ ମହାନ୍ତି କୋ-ଅପରେଟିଭ୍ ବ୍ୟାଙ୍କ ନିର୍ଦ୍ଦେଶକ ନିଯୁକ୍ତ

ମାଲକାନଗିରି,୨୦।୩(ଦୁର୍ଯ୍ୟୋଧନ ପାତ୍ର)



ରାଜ୍ୟ ସରକାରଙ୍କ କୋ ଅପରେଶନ ବିଭାଗ ପକ୍ଷରୁ ରାଜ୍ୟର ପ୍ରତ୍ୟକ କୋ-ଅପରେଟିଭ୍ ବ୍ୟାଙ୍କ ଗୁଡିକରେ ଜଣେ ଲେଖାଏ ନିର୍ଦ୍ଦେଶକ ନିଯୁକ୍ତି କରାଯାଇଛି। ଏହି ପରିପ୍ରେକ୍ଷୀରେ କୋରାପୁଟ କୋ-ଅପରେଟିଭ୍ ବ୍ୟାଙ୍କ ନିର୍ଦ୍ଦେଶକ ଭାବେ ମାଲକାନଗିରି ଜିଲାର ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ବାର ଆସୋସିଏଶନ ସଭାପତି ନୃସିଂହ ଚରଣ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ଏହି କୋ-ଅପରେଟିଭ୍ ଅଧୀନରେ ଅନ୍ୟ ଜଣେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକର ଡଙ୍ଗରଭେଜା ଗ୍ରାମର ସଦାଶିବ ସାହୁଙ୍କୁ ମନୋନୀତ କରାଯାଇଛି। ପ୍ରତ୍ୟେକ କୋ-ଅପରେଟିଭ୍ ବ୍ୟାଙ୍କ କମିଟିରେ ଦୁଇଜଣ ଲେଖାଏ ନିର୍ଦ୍ଦେଶକ ରହିବେ ବୋଲି ରାଜ୍ୟ କୋ-ଅପରେସନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ନୃସିଂହ କୋରାପୁଟ କୋ-ଅପରେଟିଭ ବ୍ୟାଙ୍କର ନିର୍ଦ୍ଦେଶକ ପଦବୀ ପାଇଁ ମଧ୍ୟ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଜିଲାରେ ମହାନ୍ତି ଜଣେ ପରିଚିତ ବ୍ୟକ୍ତି । ସେ ବରିଷ୍ଠ ଆଇନଜୀବୀ ସହ ବାର ଆସୋସିଏସନର ସଭାପତି, ସମ୍ପାଦକ ଇତ୍ୟାଦି ରହି ଆସିଛନ୍ତି। ଜିଲା ବିଜେଡି ସାଂଗଠନିକ ସମ୍ପାଦକ ଭାବେ କାର୍ଯ୍ୟ କରି ଆସୁଛନ୍ତି। ମହାନ୍ତି କହିଛନ୍ତି, ମାଲକାନଗିରି ଜିଲାରେ ଚାଷୀମାନଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେ ତାଙ୍କର କାର୍ଯ୍ୟ ନର୍ବାହ କରିବେ। କୌଣସି ଚାଷୀ ଯେପରି ବ୍ୟାଙ୍କ ସେବାରୁ ବଞ୍ଚିତ ନ ହେବେ ସେମାନଙ୍କ ସମସ୍ୟା ଦୂର କରିବା ପାଇଁ ସେ ଅଗ୍ରାଧିକାର ଦେବେ ।

# ପଖାଳ ଦିବସ ପାଳିଲେ ଯୁବଗୋଷ୍ଠୀ



ଯୁବଗୋଷ୍ଠୀମାନେ ଏକାଠି ହୋଇ ପଖାଳ ଖାଉଛନ୍ତି।

ଏମ୍‌ଭି, ୭୯,୨୦।୩(ଭିକି ବାରିକ)

କାଳିମେଳା ବ୍ଲକ ଏମ୍‌ଭି ୭୯ରେ ବହୁ ବର୍ଷ ଧରି କେତେକ ଯୁବଗୋଷ୍ଠୀ ମିଶି ପଖାଳ ଦିବସ ପାଳନ କରୁଛନ୍ତି। ବୁଧବାର ସମସ୍ତେ ଏକାଠି ହୋଇ ପଖାଳ ଦିବସ ପାଳନ କରିଥିବା ଦେଖିବାକୁ ମିଳିଛି। ପଖାଳ ଭୋଗ ଆକାରରେ ଜଗନ୍ନାଥଙ୍କୁ ଲାଗି ହୋଇଥାଏ। ଏହି ପାରମ୍ପରିକ ଖାଦ୍ୟକୁ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ ମାର୍ଚ୍ଚ ୨୦କୁ ପଖାଳ ଦିବସ ଭାବେ ପାଳନ କରାଯାଉଛି । ସେଥିପାଇଁ କିଛି ବର୍ଷ ଧରି ଏହି ପଖାଳ ଦିବସକୁ ପାଳନକରି ଆସୁଛନ୍ତି ଏମ୍‌ଭି ୭୯ର ଯୁବଗୋଷ୍ଠୀ । ଲୋକେ ପଖାଳକୁ ଭୁଲିଯାଉଥିବା ବେଳେ ଅସହ୍ୟ ଖରା ଓ ଅଂଶୁଘାତରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ସମସ୍ତେ ପୁଣି ପଖାଳକୁ ଆଦରି ନେଇଛନ୍ତି। ଭାତରେ ଦହି, ଲେମ୍ବୁପତ୍ର, ସୋରିଷ ଲଙ୍କା ଛୁଙ୍କ କରି ପଖାଳ ପ୍ରସ୍ତୁତ କରାଯାଏ। ପଖାଳ ସହ ବିଭିନ୍ନ ପ୍ରକାର ଚଟଣି ଲୋକେ ଖାଇଥାନ୍ତି। ଧନିଆ, ପୋଦିନା, ଆମ୍ବ, କରମଙ୍ଗା, ତେନ୍ତୁଳି ଓ ଆମ୍ବୁଲ ସମେତ ସୁନୁସୁନିଆ, ଲେଉଟିଆ, ସଜନା ଓ କଳମ ଆଦି ବିଭିନ୍ନ ପ୍ରକାର ଶାଗଭଜା, ଆଚାର ପଖାଳର ସ୍ୱାଦକୁ ବହୁଗୁଣିତ କରିଦିଏ। କେତେଜଣ ଖବରଦାତାଙ୍କ ସହ ଯୁବଗୋଷ୍ଠୀ ଏହି ପଖାଳ ଦିବସ ପାଳିଛନ୍ତି। ଆୟୋଜକ ଆଶିଷ କୁମାର ବାଇନ ଓ ସଂଜୀବ ହାଲ୍‌ଦାର, ଭିକି ବାରିକ ଓ ପ୍ରଭାତ ସାହା ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

# ବସ୍‌ଷ୍ଟାଣ୍ଡରୁ ଗଞ୍ଜେଇ ଭର୍ତ୍ତି ବ୍ୟାଗ ଜବତ

ଉମରକୋଟ, ୨୦।୩ (ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟ ପୁରୁଣା ବସଷ୍ଟାଣ୍ଡରେ ମଙ୍ଗଳବାର ବିଳମ୍ବିତ ରାତିରେ ଗୋଟିଏ ଦୋକାନ ନିକଟରେ ଏକ ଗଞ୍ଜେଇ ଭର୍ତ୍ତି ବ୍ୟାଗ ପଡିଥିଲା। ଖବରପାଇ ଏସ୍‌ଆଇ ସୌମେନ୍ଦ୍ର ସେଠ, ଏସ୍‌ଆଇ ଆର୍.ଏନ୍ ପ୍ରଧାନ ଓ ପୂର୍ଣ୍ଣିମା ଟିଟ ଘଟଣାସ୍ଥଳରେ ପହଞ୍ଚି ଗଞ୍ଜେଇ ଭର୍ତ୍ତି ବ୍ୟାଗ ଜବତ କରିଥିଲେ। ଜବତ ଗଞ୍ଜେଇର ଓଜନ ୫ କିଲୋ ଦେଢ ଶହ ଗ୍ରାମ ହେବ। ଯାହାର ଆନୁମାନିକ ମୂଲ୍ୟ ୨୫,୦୦୦ଟଙ୍କା ବୋଲି ପୋଲିସ କହିଛି। ଗଞ୍ଜେଇକୁ ବାହାର ରାଜ୍ୟକୁ ଚାଲାଣ କରିବାପାଇଁ ଅଣାଯାଇଥିବା ଅନୁମାନ କରାଯାଉଛି। ଉମରକୋଟ ସହରରେ ଦିନକୁ ଦିନ ଗଞ୍ଜେଇ ବେପାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗତ କିଛି ମାସ ତଳେ ଠିକ୍ ଏହିପରି ଏକ ଗଞ୍ଜେଇ ଭର୍ତ୍ତି ବ୍ୟାଗ ବସଷ୍ଟାଣ୍ଡ ନିକଟରେ ଥିବା ଜଣେ ଦୋକାନ ସମ୍ମୁଖ ନାଳରେ କେହି ପକାଇ ଦେଇ ଚାଲିଯାଇଥିଲେ। ଏହି ଘଟଣାରେ ପୋଲିସ କାହାକୁ ଗିରଫ କରିନାହିଁ। ତଦନ୍ତ ଚାଲୁଥିବା ଥାନାଧିକାରୀ ଉମ୍ବରୁଧର ପ୍ରଧାନ ସୂଚନା ଦେଇଛନ୍ତି।

# ବିଭିନ୍ନ ବିଷୟରେ ଶିକ୍ଷକ ସଂଘର ଆଲୋଚନା

## ନୂତନ ଶିକ୍ଷା ଅଧିକାରୀଙ୍କୁ ସ୍ୱାଗତ



ନୂତନ ଶିକ୍ଷାଧିକାରୀଙ୍କୁ ସ୍ୱାଗତ କରାଯାଉଛି।

ମାଲକାନଗିରି, ୨୦।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ନୂତନ ଶିକ୍ଷାଧିକାରୀ ଭାବେ ବିଶ୍ୱନାଥ ସାହୁ ଯୋଗଦେବା ପରେ ତାଙ୍କୁ ଜିଲା ଶିକ୍ଷକ ସଂଘ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଶିକ୍ଷକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ଶିକ୍ଷକ ସଂଘ ଉପସଭାପତି ରଞ୍ଜିତ ନାୟକଙ୍କ ନେତୃତ୍ୱରେ ଜିଲାର ବିଭିନ୍ନ ବ୍ଲକ ଶିକ୍ଷକ ସଂଘ କର୍ମକର୍ତ୍ତା ଓ ସଦସ୍ୟା ସଦସ୍ୟ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ସାହୁଙ୍କୁ ଭେଟି ସ୍ୱାଗତ କରିଥିଲେ। ଏହା ସହ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସାହୁଙ୍କ ସହ ଆଲୋଚନା ହୋଇଥିଲା । ନିକଟରେ ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ପ୍ରମୋସନ ଦ୍ୱାରା ଶିକ୍ଷୟିତ୍ରୀମାନେ ପାଇବାକୁ ଥିବା ଗ୍ରେଡ୍-ପେ, ଘର ଭଡ଼ା, ଗଣଶିକ୍ଷକମାନଙ୍କୁ ନିୟମିତ କରିବା, ବର୍ଦ୍ଧିତ ଓ ଠିକ୍ ସମୟରେ ଦରମା, ଭାଷାଭିତ୍ତିକ ପରୀକ୍ଷା ନିମିତ୍ତ ରହିଯାଇଥିବା ଇନ୍‌କ୍ରିମେଣ୍ଟ, ପୂର୍ବତନ ଜିଲା ଶିକ୍ଷା ଅଧିକାରୀଙ୍କ ଟେମ୍ପରାରି ଆଡଜଷ୍ଟମେଣ୍ଟକୁ ବାତିଲ କରିବା, ପ୍ରମୋସନକୁ ତ୍ୱରାନ୍ୱିତ କରିବା ଭଳି ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ଜିଲା ସଂଘ ସଭାପତି କେଶବ ବେହେରା, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ସରକାର, ବ୍ଲକ ସଂଘ ସଭାପତି ରାମପ୍ରସାଦ ପାଢ଼ୀ, ରଞ୍ଜନ ମଣ୍ଡଳ ଓ ପ୍ରଶାନ୍ତ ବେହେରା ପ୍ରମୁଖଙ୍କ ସହ ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୨ ଲକ୍ଷର ସହାୟତା

ବାଲିମେଳା,୨୦।୩(ଶିବଦତ୍ତ ସାହୁ)

ବାଲିମେଳା ଷ୍ଟେଟବ୍ୟାଙ୍କ ଓର୍କେଲ ଶାଖା ପକ୍ଷରୁ ବୁଧବାର କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତ ଅଧୀନ ଗୋପୀଗୁଡା ଗ୍ରାମରେ ରହୁଥିବା ମଣିମା ଖିଲଙ୍କ ପରିବାରବର୍ଗଙ୍କୁ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ଆସିଥିବା ମୃତ୍ୟୁ ଜନିତ ୨ ଲକ୍ଷ ଟଙ୍କା ବୀମା ରାଶିର ଏକ ଚେକ ନାକାମାମୁଡ଼ି ସରପଞ୍ଚ ଲକ୍ଷ୍ମୀ ମାଝି ମୃତକଙ୍କ ପରିବାର ଲୋକଙ୍କୁ ଦେଇଥିଲେ। ଏହି ବୀମା ରାଶି ପ୍ରଦାନ ସମୟରେ ଓର୍କେଲ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ କଙ୍କଣ କୁମାର ବିଶ୍ୱାସ, ପୁଷ୍ପାଞ୍ଜଳି ଖିଲ, ଯୁଧିଷ୍ଠିର ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।




ସୂଚନା ଅନୁଯାୟୀ, ଗୋପୀଗୁଡା ଗ୍ରାମରେ ଥିବା କମଳ ଲୋଚନ ଖିଲ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ପ୍ରତିବର୍ଷ ୪୩୬ ଟଙ୍କା ଲେଖାଏ ଜମା କରୁଥିଲେ। ୨୦।୮। ୨୨ ରେ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ତାଙ୍କର ମୃତ୍ୟୁ ହୋଇଥିଲା । ବର୍ତ୍ତମାନ ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ମୃତ କମଳଙ୍କ ପରିବାର ଲୋକଙ୍କୁ ୨ ଲକ୍ଷ ଟଙ୍କାର ବୀମା ରାଶି ଓର୍କେଲ ଷ୍ଟେଟବ୍ୟାଙ୍କ ଶାଖା ଜରିଆରେ ପ୍ରଦାନ କରାଯାଇଛି।

# ୨୦ କେଜି ଗଞ୍ଜେଇ ଜବତ, ୩ ଗିରଫ

ଦାରିଙ୍ଗବାଡି,୨୦।୩(ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ବେଆଇନ ଗଞ୍ଜେଇ ଚୋରାଚାଲାଣ ବେଳେ ମାଡ଼ି ବସିଲା ପୋଲିସ। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ପୋଲିସ ଗିରଫ କରିବା ସହ ୨ଟି ମୋଟର ସାଇକେଲ ଓ ୨୦ କେଜି ଗଞ୍ଜେଇ ଜବତ କରିଥିବା ଆଇଆଇଆସି ଆନନ୍ଦ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ଗିରଫ ତିନିଜଣ ହେଲେ ରାଇକିଆ ଥାନା ବାରବା ଗ୍ରାମର ବଚମା ନାୟକ, ସୋରଡ଼ା ଥାନା ମୁରୁଗାପାଲି ଗ୍ରାମର କ୍ରିଷ୍ଣା ପାଣିଗ୍ରାହୀ ଏବଂ ତ୍ରିଲୋକନାଥ ପାଣିଗ୍ରାହୀ। ସେମାନଙ୍କ ନାମରେ ଏନଡିପିଏସ ଧାରାରେ ମାମଲା (୪୮/୨୪ )ରୁଜୁ କରି ତଦନ୍ତ କରୁଛି।

# ଅନିଲ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ବାଲିମେଳା,୨୦।୩(ଶିବଦତ୍ତ ସାହୁ)

ବାଲିମେଳା ମିନି ଷ୍ଟାଡିୟମରେ ବୁଧବାର ଅନିଲ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅତିଥିଭାବେ ମାଲକାନଗିରି ଜିଲା ପରିଷଦ ସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ଏନ୍‌ଏସି କାଉନସିଲର ଲକ୍ଷ୍ମୀ ସୁନୀତା ଗୁରୁ, ନଗର ବଣିକ ସଂଘ ସଭାପତି ସଞ୍ଜୀବ ଦୋରା, ଜିଲା କ୍ରିକେଟ ଆସୋସିଏଶନ ଉପ ସଭାପତି ରାଜକମଲ ପୁରୋହିତ, ଭାରତୀୟ କ୍ରିକେଟ ଦଳର ପୂର୍ବତନ ମ୍ୟାନେଜର ସତବୀର ସିଂ, ବିଜୟ କ୍ରିଷ୍ଣା ଦାସ ଓ ସୀମାଞ୍ଚଳ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲାର ୮ଟି ଦଳ ଭାଗ ନେବେ। ପ୍ରଥମ ମ୍ୟାଚରେ ମାଥିଲି ଓ କାଲିମେଳା ମଧ୍ୟରେ ଖେଳ ହୋଇଥିଲା। ମାଥିଲି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୨୪୮ ରନ କରିଥିଲା। କାଲିମେଳା ଦଳ ୨୧ ଓଭରରେ ସମସ୍ତ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରିଥିଲା। ମ୍ୟାଚରେ ଅମ୍ପାୟର ଆଣ୍ଟନି ବାଘ ଓ ସୀମାଞ୍ଚଳ ସୁବୁଦ୍ଧି ରହିଥିଲେ। ଆଗାମୀ ୨୭ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ବାଲିମେଳା ଚ୍ୟାଲେଞ୍ଜ କ୍ରିକେଟ ଆସୋସିଏଶନର ଶୁଭାଶିଷ କର, ଯୁଧିଷ୍ଠିର ଦାସ (ସତ୍ୟ) ଓ ଅନ୍ୟ ସମସ୍ତ ସଦସ୍ୟ ଏହାକୁ ପରିଚାଳନା କରୁଛନ୍ତି।




ଟୁର୍ନାମେଣ୍ଟକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ଜିମ୍‌ରେ ଜାତୀୟସ୍ତରର ପ୍ରଶିକ୍ଷକଙ୍କ ଯୋଗଦାନ

ମାଲକାନଗିରି,୨୦।୩(ଦୁର୍ଯ୍ୟୋଧନ ପାତ୍ର)

ମାକାନଗିରି ଜଲାରେ ଗତ ୧୩ ତାରିଖରେ ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡା ଭବନକୁ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଥିଲେ। ଏହି କ୍ରୀଡା ଭବନ ମଧ୍ୟରେ ସୁନ୍ଦର ଏବଂ ସୁସ୍ଥ ଶରୀର ଗଠନ ପାଇଁ ଜିମ୍ ପ୍ରକୋଷ୍ଠ ନିର୍ମାଣ ହୋଇଥିବା ବେଳେ ଏହି ପ୍ରକୋଷ୍ଠରେ ଜିମ୍ ସମ୍ବନ୍ଧୀୟ ସମସ୍ତ ପ୍ରକାର ମୂଲ୍ୟବାନ ସାମଗ୍ରୀ ରଖାଯାଇଛି। କିନ୍ତୁ ଏହି ଭବନରେ ବରିଷ୍ଠ ନାଗରିକଙ୍କଠାରୁ ଆରମ୍ଭ କରି ଯୁବତୀଯୁବକମାନେ ଶରୀରକୁ ସୁସ୍ଥ ରଖିବା ପାଇଁ ସ୍ୱଇଚ୍ଛାରେ ବିଭିନ୍ନ ଜିମ୍ ସମ୍ବନ୍ଧୀୟ ବ୍ୟାୟାମ କରିପାରିବେ । ଏଥିପାଇଁ ରାଜ୍ୟ ସରକାର ମାଲକାନଗିରି ଜିଲାକୁ ଜଣେ ଜାତୀୟସ୍ତରୀୟ ସହକାରୀ ପ୍ରଶିକ୍ଷକ ପଦ୍ମଲୋଚନ ମାଝିଙ୍କୁ ନିଯୁକ୍ତି ଦେଇଛନ୍ତି। ସେ ଭବନୀପାଟଣା ନିବାସୀ ହୋଇଥିବା ବେଳେ ଦେଶର ବିଭିନ୍ନ ରାଜ୍ୟରେ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ସୁନାମ ଅର୍ଜନ ରଖିଛନ୍ତି। ଗତ ୧୩ ତାରିଖରୁ ମାଝି ଯୋଗ ଦେଲା ପରେ ବହୁ ସଂଖ୍ୟାରେ ଜିମ୍‌ରେ ଅଭ୍ୟାସ କରିବା ପାଇଁ ଯୁବତୀ ଯୁବକଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ମାଝି କହିଛନ୍ତି, ଶରୀରକୁ ସୁସ୍ଥ ରଖିବାକୁ ହେଲେ ଔଷଧର ଆବଶ୍ୟକତା ନାହିଁ। ଜିମ୍ ମାଧ୍ୟମରେ ଶରୀର କିପରି ସୁସ୍ଥ ରହିବ ସେ ସମ୍ବନ୍ଧରେ ସେ ଉଚ୍ଚକୋଟିର ପ୍ରଶିକ୍ଷଣ ଦେବେ । ଏଥିସହ ଭାର ଉତ୍ତୋଳନ ପାଇଁ ଭକ୍ତରାମ ଦେହୁରୀଙ୍କୁ ସହକାରୀ ପ୍ରଶିକ୍ଷକ ଭାବେ ନିଯୁକ୍ତି ଦିଆ ଯାଇଛି।





## ସଂକ୍ଷେପରେ

### ଶଟର ଭାଙ୍ଗି ଲୁଟ୍ ଘଟଣା, ଅଭିଯୁକ୍ତ ଗିରଫ



ବୋରିଗୁମ୍ମା,୨୦।୩ (ବିଜୟ ସାହୁ) କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଞ୍ଚଳରେ ଗତ କିଛି ଦିନ ହେଲା ଲୁଟ୍ ଘଟଣା ବଢ଼ିବାରେ ଲାଗିଛି। ଗତ ୪ଦିନ ତଳେ ନବରଙ୍ଗପୁର ରୋଡ଼ରେ ଥିବା ଏକ ଦୋକାନ ଶଟର ଭାଙ୍ଗି ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ଘଟଣାରେ ବୋରିଗୁମ୍ମା ପୋଲିସ ମୁଖ୍ୟ ଅଭିଯୁକ୍ତ ହୁସେନ ହରିଜନ (୧୯)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ମୋବାଇଲ ଓ ୨ହଜାର ଟଙ୍କା ଜବତ କରିଛି। ଅଭିଯୁକ୍ତ ହୁସେନଙ୍କ ଘର ନବରଙ୍ଗପୁର ସହରର ଲୋହରା ସାହିରେ ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀରେ ବୋରିଗୁମ୍ମା ଏସ୍‌ଡିପିଓ ତପସ୍ୱିନୀ କହଁର ସୂଚନା ଦେଇଛନ୍ତି । ପୋଲିସ ସୂଚନା ଅନୁଯାୟୀ, ଦୀପକ ସିଂହଙ୍କ ଦୋକନ ଶଟର ଭାଙ୍ଗି ଲୁଟ୍ ହୋଇଥିବା ନେଇ ସେ ଥାନାରେ ଏନେଇ ଏତଲା ଦେଇଥିଲେ। ଏ ନେଇ ପୋଲିସ ୬୭/୨୪ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ହୁସେନଙ୍କୁ ଗିରଫ କରିଥିଲା। କିଛି ଦିନ ପୂର୍ବରୁ ହୁସେନ ଭବାନୀପାଟଣା ଜେଲରୁ ଜାମିନରେ ଆସିଥିବା ପୋଲିସ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଲୁଟ ଘଟଣାରେ ଅନ୍ୟ ୨ଅଭିଯୁକ୍ତଙ୍କୁ ଚିହ୍ନଟ ସରିଛି, ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଜଣାପଡିଛି। ଖବରଦାତା ସମ୍ମିଳନୀରେ ଥାନା ଆଇଆଇସି ଯୁଗଳ କିଶୋର ସା,ତଦନ୍ତକାରୀ ଏଏସ୍‌ଆଇ ସୁବାସ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

### ଶିକ୍ଷକଙ୍କ ପରଲୋକ

ଚନ୍ଦ୍ରପୁର, ୨୦।୩ (ବିଜୟ ପ୍ରସାଦ ଉଲାକା)– ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା ପଞ୍ଚାୟତ ଅଧୀନ ବୋରିଖାଲ ପ୍ରାଥମିକ ବିଦ୍ୟାଳୟରେ ସହକାରୀ ଶିକ୍ଷକ ତପନ କୁମାର ବିଷୋୟୀଙ୍କ ବୁଧବାର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କୁ ୫୦ ବର୍ଷ ହୋଇଥିଲା। ସେ ଜଣେ ଛାତ୍ରବତ୍ସଳ ଶିକ୍ଷକ ଥିବାରୁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଚନ୍ଦ୍ରପୁର ଶିକ୍ଷା ବିଭାଗର ଏବିଇଓ ସିଙ୍ଗନା ତାଡିଙ୍ଗଙ୍କ ସମେତ ବହୁ ଶିକ୍ଷକ ଆସି ଶୋକସନ୍ତପ୍ତ ପରିବାରଙ୍କୁ ସାନ୍ତ୍ୱନା ଦେବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

# ୬୯୨୮ ଦିବ୍ୟାଙ୍ଗ ସରକାରୀ ସୁବିଧାରୁ ବଞ୍ଚିତ ସମ୍ଭାବନା

ରାୟଗଡ଼ା,୨୦।୩ (ଭାଗ୍ୟଶ୍ରୀ ମିଶ୍ର)

- ଭିନ୍ନକ୍ଷମଙ୍କ ସରକାରୀ ସୁବିଧା ପାଇଁ ୟୁଡି ଆଇଡି କାର୍ଡ ବାଧ୍ୟତାମୂଳକ ସଚେତନତା ଅଭାବରୁ ଆବେଦନ କରିନାହାନ୍ତି ୟୁଡି ଆଇଡି କାର୍ଡ
- ଆଜି ବି ମାନୁଆଲ କାର୍ଡରେ ରହିଛନ୍ତି ଅନେକ ହିତାଧିକାରୀ

ଦିବ୍ୟାଙ୍ଗମାନଙ୍କ ସୁବିଧା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି । ତେବେ ଏହିସବୁ ସରକାରୀ ସୁବିଧା ପାଇବା ପାଇଁ ଅନନ୍ୟ ଅକ୍ଷମତା ପରିଚୟପତ୍ର ବା (ୟୁଡି ଆଇଡି କାର୍ଡ) ବାଧ୍ୟତାମୂଳକ କରାଯାଇଛି। ଦିବ୍ୟାଙ୍ଗଙ୍କ ପାଇଁ ଏକ ଜାତୀୟ ଡାଟାବେସ୍ ସୃଷ୍ଟି କରିବା ଏବଂ ପ୍ରତ୍ୟେକ ଭିନ୍ନକ୍ଷମଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବା ଉଦ୍ଦେଶ୍ୟରେ ଭାରତ ସରକାର ଏଭଳି ଏକ ପଦକ୍ଷେପ ନେଇଛନ୍ତି। ହେଲେ ସଚେତନତା ଅଭାବରୁ ରାୟଗଡ଼ା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଅନେକ ଭିନ୍ନକ୍ଷମ ନିଜର ୟୁଡି ଆଇଡି କାର୍ଡ ଏବଂ ଏହାର ଆବଶ୍ୟକତା ବିଷୟରେ ଜାଣିନାହାନ୍ତି। ଫଳରେ ପୁରୁଣା ମାନୁଆଲ ଦିବ୍ୟାଙ୍ଗ କାର୍ଡରେ ଅନେକ ହିତାଧିକାରୀ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ପାଇବାକୁ ଆବେଦନ କଲେ ପୁରୁଣା ସାର୍ଟିଫିକେଟ ଦିଆଯାଇଛି କହି ସେମାନଙ୍କ ନାମ କାଟି ଦିଆଯାଉଥିବା ଦେଖିବାକୁ ମିଳୁଛି।

ରାୟଗଡ଼ା ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ତଥ୍ୟ ଅନୁସାରେ, ଜିଲାରେ ଦିବ୍ୟାଙ୍ଗଙ୍କ ସଂଖ୍ୟା ପ୍ରାୟ ୨୮,୦୦୦। ସେମାନଙ୍କ ମଧ୍ୟରୁ ୨୧,୮୭୬ ଜଣ ହିଁ ୟୁଡି ଆଇଡି କାର୍ଡ ପାଇଁ ଆବେଦନ କରିଛନ୍ତି । ବଳକା ୬୯୨୮ ଭିନ୍ନକ୍ଷମ ଏହି କାର୍ଡ ପାଇଁ ଆବେଦନକରି ନ ଥିବାରୁ ପରବର୍ତ୍ତୀ ସମୟରେ ସେମାନେ କୌଣସି ସରକାରୀ ଯୋଜନା ପାଇବାକୁ ଯୋଗ୍ୟ ବିବେଚିତ ହୋଇପାରିବେ ନାହିଁ ବୋଲି ଜଣାପଡିଛି। ଜିଲାର କୋଲନରା ବ୍ଲକ୍‌ରେ ସବୁଠାରୁ କମ୍ ୬୩୬ ଆବେଦନ ରହିଥିବାବେଳେ ରାୟଗଡ଼ା ବ୍ଲକରେ ସର୍ବାଧିକ ୫୪୦୯ ହିତାଧିକାରୀ ଆବେଦନ କରିଛନ୍ତି। ସେହିପରି ୨୧୦୭୨ ଭିନ୍ନକ୍ଷମ କାର୍ଡ ପାଇଁ ଆବେଦନ କରିଥିବା ବେଳେ ସେଥିମଧ୍ୟରୁ ୭୦୬୬ ଜଣଙ୍କର ରିଜେକ୍ଟ ହୋଇଛି ଏବଂ ୧୩୦୨ ଜଣଙ୍କର ପେଣ୍ଡିଂ ରହିଛି। ଆଦିବାସୀ ଅଞ୍ଚଳରେ ସଚେତନତା ଅଭାବ ଯୋଗୁ ଅନେକ ହିତାଧିକାରୀ ଏହି ୟୁଡି ଆଇଡି କାର୍ଡ ପାଇଁ ଆବେଦନ କରୁନାହାନ୍ତି । ଏ ନେଇ ବିଭାଗ ପକ୍ଷରୁ ମଧ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ମଧ୍ୟ ନିଆଯାଉ ନ ଥିବା ଅଭିଯୋଗ ହେଉଛି । ରାୟଗଡ଼ା ବ୍ଲକ ଜେକେପୁର ବିଶି ରୋଡ୍‌ର ଦିନ ମଜୁରିଆ ଭାବେ କାମ କରୁଥିବା ଦିବ୍ୟାଙ୍ଗ ପାମିଡ଼ି ସେଟି ମୁରଲୀ (୫୬) ଭୀମ ଭୋଇ ସାମର୍ଥ୍ୟ ଶିବିର ଦ୍ୱାରା ଜେକେପୁରରେ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଥିଲେ। ତେବେ ପେନ୍‌ସନ ପାଇଁ ସେ ବ୍ଲକ୍ ଅଫିସରୁ ଆର୍‌ଆଇ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହୋଇଥିଲେ ମଧ୍ୟ ପୁରୁଣା ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଁ ତାଙ୍କ ଆବେଦନପତ୍ର ଖାରଜ କରାଯାଇଥିବା କହିଛନ୍ତି । ସରକାରୀ ସ୍ତରରେ ୟୁଡି ଆଇକାର୍ଡକୁ କେନ୍ଦ୍ର ସରକାର ବାଧ୍ୟତାମୂଳକ କରିଥିବାରୁ ଏହି କାର୍ଡ ଯେପରି ସମସ୍ତ ହିତାଧିକାରୀ ସୁବିଧାରେ ପାଇପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀ ତତ୍ପର ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ କହିଛନ୍ତି । ଏ ସମ୍ପର୍କରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଆମେ ଭୀମ ଭୋଇ ସାମର୍ଥ୍ୟ ଶିବିରରେ ପ୍ରତ୍ୟେକ ହିତାଧିକାରୀଙ୍କୁ ବୁଝାଇ ଥାଉ କାର୍ଡ କରିବାକୁ ଏବଂ ଏହାର ଗୁରୁତ୍ୱ ବିଷୟରେ ମଧ୍ୟ ବୁଝାଉଛୁ । କିନ୍ତୁ ଜିଲାରେ ଅନେକ ଭିନ୍ନକ୍ଷମ ଏହି କାର୍ଡ କରି ନ ଥିବାରୁ ଆଗାମୀ ଦିନରେ କ୍ୟାମ୍ପ କରାଯାଇ ସଚେତନ ସୃଷ୍ଟି କରାଯିବ ବୋଲି ସେ କହିଛନ୍ତି।

## ୨ ଫେରାର ଅଭିଯୁକ୍ତଙ୍କୁ ପଳାତକ ଘୋଷଣା

### ମାସକ ମଧ୍ୟରେ କୋର୍ଟରେ ହାଜର ନ ହେଲେ ସମ୍ପତ୍ତି ବାଜ୍ୟାପ୍ତି ନୋଟିସ



ଏସ୍‌ଡିପିଓ ରଶ୍ମି ସେନାପତିଙ୍କ ଉପସ୍ଥିତିରେ ଡାକବାଜି ଯନ୍ତ୍ର ଦ୍ୱାରା ଘୋଷଣା କରୁଛନ୍ତି ଆଇଆଇସି କେକେବିକେ କହଁର।

ରାୟଗଡ଼ା,୨୦।୩(ଆଶିଷ ରଞ୍ଜନ ପଣ୍ଡା)

୨ ଚୋରି ମାମଲାରେ ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଖୋଜି ନ ପାଇ ଶେଷରେ ପଳାତକ ଘୋଷଣା କରିଛି ରାୟଗଡ଼ା ପୋଲିସ। ସେମାନଙ୍କ ବାସଗୃହ, କଲୋନି ଏବଂ ଜନସମାଗମ ଅଞ୍ଚଳରେ ନୋଟିସ ଲଗାଇ ସୂଚନା ଦିଆଯାଇଛି ।

ନୋଟିସ ଲାଗିବାର ମାସକ ମଧ୍ୟରେ କୋର୍ଟରେ ହାଜର ହେବା ନେଇ ଉଲ୍ଲେଖ ରହିଛି । ଯଦି ସେମାନେ ହାଜର ନ ହୁଅନ୍ତି ତେବେ ସେମାନଙ୍କ ସମସ୍ତ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ବାଜ୍ୟାପ୍ତି କରାଯିବ ବୋଲି ନୋଟିସରେ ଉଲେଖ ରହିଛି।

ଘଟଣାରୁ ପ୍ରକାଶ ଯେ, ୨୦୦୯ରେ ଏକ ଚୋରି ମାମଲାରେ ରାୟଗଡ଼ା ଥାନାରେ କେସ୍ ନଂ. ୧୭୩/୦୯ରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଶୁଣ୍ଡି ଆକାଶ ଘଟଣା ଦିନଠାରୁ ଗାଁ ଛାଡ଼ି ଫେରାର ରହିଛନ୍ତି । ଏ ନେଇ ରାୟଗଡ଼ା ଏସ୍‌ଡିଜେଏମ୍ କୋର୍ଟରେ ଜିଆର୍ କେସ୍ ନଂ. ୩୫୩/୯ ମାମଲାରେ ଆକାଶଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଛି । ସେହିଭଳି ରାୟଗଡ଼ା ଥାନା କେସ୍ ନଂ. ୧୦୯/୧୫ ଏବଂ ଏସ୍‌ଡିଜେଏମ୍ କୋର୍ଟ ଜିଆର୍ କେସ୍ ନଂ୨୭୩/୧୫ରେ ଦୂରେନ କୁଲେସିକାଙ୍କ ନାମରେ କୋର୍ଟ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି । ଉକ୍ତ ୨ଜଣ ଫେରାର ରହିଥିବାରୁ ପୋଲିସ ସେମାନଙ୍କୁ ବୁଧବାର ପଳାତକ ଘୋଷଣା କରିଛି। ଏହି ଘୋଷଣା ସମୟରେ ରାୟଗଡ଼ା ଏସ୍‌ଡିପିଓ ରଶ୍ମିରଞ୍ଜନ ସେନାପତି, ଟାଉନ ଥାନା ଆଇଆଇସି କେକେବିକେ କହଁର ଓ ଅନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

## ନିର୍ବାଚନରେ ଗଣମାଧ୍ୟମର ଭୂମିକା ନେଇ ଆଲୋଚନା




ବୈଠକରେ ଉପସ୍ଥିତ ଖବରଦାତା ।

ଗୁଣୁପୁର,୨୦।୩(ପ୍ରଦୀପ କୁମାର ପାଢ଼ୀ)

### ପ୍ରେସ୍ କ୍ଲବର ବନ୍ଧୁମିଳନ କାର୍ଯ୍ୟକ୍ରମ

ରାୟଗଡ଼ା ଜିଲା ଗୁଣପୁର ପ୍ରେସ୍ କ୍ଲବ ପକ୍ଷରୁ ବୁଧବାର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରେସ୍ କ୍ଲବ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ଦେବେନ୍ଦ୍ର ଚୌଧୁରୀ ଉପସ୍ଥିତ ଥିଲେ। ବିଧାୟକଙ୍କ ଅନୁଦାନରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେବା ପରେ ହୋମ ଓ ପୂଜାପାଠ କରାଯାଇଥିଲା । ପୂଜକ ଭାବେ ପ୍ରକାଶ ରଥ ଏବଂ କର୍ତ୍ତା ଭାବେ ଜନାର୍ଦ୍ଦନ ମହାପାତ୍ର ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ । ପରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସାଧାରଣ ନିର୍ବାଚନରେ ଗଣମାଧ୍ୟମର ଭୂମିକା, ଖବରଦାତା ନିର୍ବାଚନ କମିଶନରଙ୍କ ନିୟମ ମାନି ନିରପେକ୍ଷ ଭାବେ ଖବର ପରିବେଷଣ କରିବା ନେଇ ଆଲୋଚନା ହୋଇଥିଲା । ଏଥିସହ ବିଭିନ୍ନ ସାମାଜିକ ଦାୟିତ୍ୱ ,କାର୍ଯ୍ୟକ୍ରମ ଓ କ୍ଲବର ଖବରଦାତାମାନଙ୍କର ସୁବିଧା ଓ ଅସୁବିଧା ବିଷୟରେ ଆଲୋଚନା ହୋଇଥଲା। ଏଥିରେ କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ପାଢ଼ୀ, ସମ୍ପାଦକ ରାଧାକୃଷ୍ଣ ପଟ୍ଟନାୟକ, ପରାମର୍ଶଦାତା ପି. ନାଗଭୂଷଣ ରାଓ, ବରିଷ୍ଠ ଖବରଦାତା କେ. ସୋମେଶ୍ୱର ରାଓ,ଏସ୍. ଶିବାଜୀ ,ବିଜୟ ସୁନାମୁଦୀ, ଗୌରାଙ୍ଗ ପାଣିଗ୍ରାହୀ, ଇନ୍ଦ୍ରଜିତ ପଣ୍ଡା, ରବୀନ୍ଦ୍ର ମହାପାତ୍ର,ବି. ସତୀଶ କୁମାର,ରାଜେଶ ପାଢୀ, ଚିନ୍ମୟ ପାଣିଗ୍ରାହୀ ,ରାକେଶ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦାମନଯୋଡି ଶିଳ୍ପାଞ୍ଚଳକୁ ଲୁଟୁଛନ୍ତି ଅଣଓଡ଼ିଆ

ଦାମନଯୋଡି,୨୦।୩ (ମାନସ ରଞ୍ଜନ କର)–କୋରାପୁଟ ଜିଲା ଦାମନଯୋଡି ଏକ ପ୍ରମୁଖ ଶିଳ୍ପାଞ୍ଚଳ ଭାବେ ପରିଗଣିତ। ଏଠାରେ ଏସିଆ ମହାଦେଶର ସର୍ବବୃହତ ନାଲକୋ ଖଣି ଓ ବିଶୋଧନାଗାର ରହିଛି। ଏଠାକାର ଲୋକମାନେ ସରଳ ବିଶ୍ୱାସୀ। ଏହାର ସୁଯୋଗ ନେଇ ଅଞ୍ଚଳବାସୀଙ୍କୁ ଠକି ଚାଲିଛନ୍ତି ବାହାର ରାଜ୍ୟର ଅଣଓଡ଼ିଆ । ମିଛ କହି ଲୋକଙ୍କଠାରୁ ହଜାର ହଜାର ଟଙ୍କା ଲୁଟି ନେଉଥିବା ଦେଖିବାକୁ ମିଳୁଛି। ଗତ କିଛିଦିନ ହେଲା ପଡୋଶୀ ବିହାର ରାଜ୍ୟରୁ କେତେକ ଠକ ତଥା ଦଲାଲମାନେ କମ୍ପାନୀର ପ୍ରଚାର ବାହାନା କରି ଅଟୋରେ ଗାଁ ଗାଁ ,ବଜାର ଘାଟ, ଗଳିକନ୍ଦି ଯାଇ ଶସ୍ତା ଦାମରେ ଏଲ୍‌ଇଡି ବଲ ନିଅନ୍ତୁ କହି ଆଦାବାସୀଙ୍କୁ ଭୁଆଁ ବୁଲାଇ ହଜାର ହଜାର ଟଙ୍କା ଲୁଟି ନେଉଥିବା ଅଭିଯୋଗ ହେଉଛି। ଚାରୋଟି ଏଲଇଡି ବଲ ମାତ୍ର ଶହେ ଟଙ୍କା ଏବଂ ଏହା କମ୍ପାନୀ ପ୍ରଚାର ବୋଲି କହୁଛନ୍ତି। କେଉଁ କମ୍ପାନୀର ଏହି ପ୍ରଚାର ଚାଲିଛି ପଚାରିଲେ ସେମାନେ କୌଣସି ଉତ୍ତର ଦେଉନାହାନ୍ତି । ଯଦି କେହି ଏହି ବିଷୟରେ ଅଭିଯୋଗ କରୁଛି ତେବେ ଦଲାଲମାନେ ସେ ସ୍ଥାନରୁ ଅନ୍ୟ ଗ୍ରାମକୁ ଯାଉଛନ୍ତି। ସେମାନେ ଯେଉଁ ଏଲ୍‌ଇଡି ବଲ ଦେଉଛନ୍ତି ଘରକୁ ଆଣିଲା ପରେ ଅଧିକାଂଶ ଫିଉଜ ହେଇଯାଉଛି ତ ମାତ୍ର କେତେ ସମୟ ପରେ ସେଗୁଡିକ କାମ କରୁନଥିବା ଲୋକେ କହୁଛନ୍ତି। ଏହି ଭଳି ଅଞ୍ଚଳର ସରଳ ଆଦିବାସୀ ଲୋକଙ୍କୁ ଠକିବା ଉଦ୍ଦେଶ୍ୟରେ ପଡୋଶୀ ବିହାର ରାଜ୍ୟରୁ ଏକ ସକ୍ରିୟ ଦଲାଲ ଗ୍ୟାଙ୍ଗ ଦାମନଯୋଡି ଶିଳ୍ପାଞ୍ଚଳକୁ ଆସି ସ୍ଥାନୀୟ ଭେଜାପୁଟରେ ଡେରା ପକାଇଥିବା ଜଣାପଡିଛି। ଏଭଳି ଦଲାଲମାନେ ଅଞ୍ଚଳର ଗରିବ ତଥା ସରଳ ବିଶ୍ୱାସୀ ଲୋକଙ୍କୁ ଠକି ହଜାର ହଜାର ଟଙ୍କା ଲୁଟି ନେଉଥିବା ବେଳେ ଏଥିପ୍ରତି ପୋଲିସ ଦୃଷ୍ଟି ପଡୁନାହିଁ। ତେଣୁ କୋରାପୁଟ ଜିଲା ପୋଲିସ ଏବଂ ସ୍ଥାନୀୟ ପୋଲିସ ପକ୍ଷରୁ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସାଧାରଣରେ ଦାବି ହୋଇଛି।

## ଦୋଷୀଙ୍କୁ ୨ବର୍ଷ ଜେଲ

ରାୟଗଡ଼ା,୨୦।୩(ଆଶିଷ ରଞ୍ଜନ ପଣ୍ଡା)

### ଟ୍ରେନ୍‌ରୁ ମୋବାଇଲ ଚୋରି ମାମଲା

ଏସ୍‌ଡିଜେଏମ୍ ଜଜ୍ ବର୍ଷା ଦାସ ଟ୍ରେନ୍‌ରୁ ମୋବାଇଲ ଚୋରି ମାମଲାର ଶୁଣାଣି କରି ଅଭିଯୁକ୍ତ ଡି.କାର୍ତ୍ତିକ ରାଓଙ୍କୁ ୨ବର୍ଷ ଜେଲ ଓ ୫ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୩ ମାସ ଜେଲ ଦଣ୍ଡ ପାଇଁ ରାୟ ପ୍ରକାଶ କରିଛନ୍ତି ଜଜ୍ ବର୍ଷା ଦାସ ।

ଘଟଣାରୁ ପ୍ରକାଶ ଯେ, ଡିସେମ୍ବର ୧୩ରେ ମୁନିଗୁଡ଼ାର କରୁଣାକର ପାଲକିଆ ଟ୍ରେନ୍ ଯୋଗେ ରାୟପୁରରୁ ମୁନିଗୁଡ଼ା ଫେରୁଥିବାବେଳେ ତାଙ୍କ ମୋବାଇଲ ଚୋରି ହୋଇଯାଇଥିଲା । ଏ ନେଇ ସେ ବଗିରେ ଉପସ୍ଥିତ ଲୋକଙ୍କୁ ମୋବାଇଲ ବିଷୟରେ ପଚରାଉଚୁରା କରିଥିଲେ । ତେବେ ଏହି ଚୋରି ଘଟଣା ଟ୍ରେନ୍‌ର ସମସ୍ତ ବଗିରେ ପ୍ରଚାର ହୋଇଯାଇଥିଲା ଏବଂ ଟ୍ରେନ୍‌ରେ ଉପସ୍ଥିତ ଯାତ୍ରୀମାନେ ମଧ୍ୟ ମୋବାଇଲ ଖୋଜିବାରେ କରୁଣାକରଙ୍କୁ ସହଯୋଗ କରିଥିଲେ । ଏହାପରେ ଡି.କାର୍ତ୍ତିକ ରାଓ ମୋବାଇଲ ଚୋରି କରି ଏସ–୩ ବଗିରେ ରହିଥିବା ଯାତ୍ରୀମାନେ ଜାଣିବାକୁ ପାଇଥିଲେ । ସେଠାରେ କାର୍ତ୍ତିକଙ୍କୁ କାବୁକରି ମୁନିଗୁଡ଼ାଠାରେ ରେଲୱେ ପୋଲିସକୁ ଜିମା ଦେଇଥିଲେ । ଏହି ଘଟଣାରେ ପୋଲିସ ମାମଲା ରୁଜୁକରି କାର୍ତ୍ତିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲ। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଆଇନଜୀବୀ ସଚ୍ଚିଦାନନ୍ଦ ଖାଡ଼ଙ୍ଗା ଓ ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀ ପଦ୍ମନାଭ ଦାସ ପରିଚାଳନା କରୁଥିଲେ ।

## ସାଇବର ଠକେଇର ମୁଖ୍ୟ ଅଭିଯୁକ୍ତ ମୟୂରଭଞ୍ଜରୁ ଗିରଫ

କୋରାପୁଟ,୨୦।୩(ଅମିତାଭ ବେହେରା)

କୋରାପୁଟ ସାଇବର ପୋଲିସକୁ ମିଳିଛି ସଫଳତା ମିଳିଛି। ଟେଲିଗ୍ରାମ ଚାନେଲ ଜରିଆରେ ଅର୍ଥ ଲଗାଇଲେ ଅଧିକ ଅର୍ଥ ଦିଆଯିବ ବୋଲି କହି ସାଇବର ଠକେଇ ହେଉଥିଲା। ଏହି ଘଟଣାର ପର୍ଦ୍ଦାଫାଶ କରି ଠକେଇରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ମୟୂରଭଞ୍ଜରୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ଏକ ମୋବାଇଲ ସହ ୧ ଲକ୍ଷ ୫୮ ହଜାର ଟଙ୍କା ଜବତ କରାଯାଇଥିବା କୋରାପୁଟ ପୋଲିସ ଏସ୍‌ଡିପିଓ ଶ୍ରାବଣୀ ନାୟକ ସ୍ଥାନୀୟ ସାଇବର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୁଚନା ଦେଇଛନ୍ତି।

ଏସ୍‌ଡିପିଓଙ୍କ ସୁଚନାନୁଯାୟୀ ଅଭିଯୁକ୍ତ ଏକ ଗ୍ରୁପ୍ ଖୋଲି ହ୍ୱାଟ୍ସଆପ୍‌ରେ ବିଭିନ୍ନ ବ୍ୟକ୍ତିଙ୍କୁ ଅଧିକ ଅର୍ଥ ଦେବି ବୋଲି କହି ଚାଟ୍ କରୁଥିଲେ। କୋରାପୁଟ ଜିଲା ପଟ୍ଟାଙ୍ଗି ଅଞ୍ଚଳର ଆଶିଷ କୁମାର ପ୍ରଧାନ ଲୋଭର ବଶବର୍ତ୍ତୀ ହୋଇ ୧ ଲକ୍ଷ ୫୮ ହଜାର ଟଙ୍କା ଏହି ଗ୍ରୁପ୍‌ରେ ଲଗାଇଥିଲେ। ମାତ୍ର ୭ ଦିନ ପରେ ତାଙ୍କ ଟଙ୍କା ନ ଆସିବାରୁ ୭ ଫେବୃୟାରୀ ୨୦୨୪ରେ କୋରାପୁଟ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ କେସ୍ ନଂ ୨/୨୪ରେ ୪୧୯, ୪୨୦ ଓ ୩୪ ଆଇପିସିରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। କୋରାପୁଟ ଏସ୍‌ପି ଅଭିନବ ସୋନକାରଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୋଗକାରୀଙ୍କ ପକ୍ଷରୁ ଦର୍ଶାଯାଇଥିବା ମୋବାଇଲ ହ୍ୱାଟ୍ସଆପ ନମ୍ବର ଟ୍ରାକିଂ କରି ଅଭିଯୁକ୍ତ ଜଗନ୍ନାଥ ବେହେରା ମୟୂରଭଞ୍ଜ ଅଞ୍ଚଳରେ ଥିବା ଜଣାପଡ଼ିଥିଲା।

## ଟ୍ରେନରୁ ଖସି ବ୍ୟବସାୟୀଙ୍କ ମୃତ୍ୟୁ

ଫୁଲବାଣୀ, ୨୦।୩(ରାକେଶ କୁମାର ରାଉତ):

ଆନ୍ଧ୍ରପ୍ରଦେଶ ବିଜୟନଗରମ ଠାରେ ଟ୍ରେନରୁ ଖସିପଡ଼ି ଫୁଲବାଣୀ ନଦୀଖଣ୍ଡି ସାହିର ଯୁବ ବ୍ୟବସାୟୀ ମୋହନ ସାହୁ (୪୨)ଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ମୋହନ ତାଙ୍କ ପିତା ଓ ପରିବାର ସହ ତିରୁପତି ବୁଲିବା ପାଇଁ ଯାଇଥିଲେ। ରବିବାର ଟ୍ରେନ୍ ଯୋଗେ ଫେରୁଥିଲେ। ସୋମବାର ମଧ୍ୟ ରାତ୍ରରେ ସମସ୍ତେ ଶୋଇଥିବା ବେଳେ ମୋହନ ପରିସ୍ରା କରିବା ପାଇଁ ଟ୍ରେନର ଶୌଚାଳୟକୁ ଯାଇଥିଲେ। ଶୌଚାଳୟରୁ ବାହାରି ନିଜ ବର୍ଥକୁ ଫେରିବା ବାଟରେ ଗେଟ ପାଖରେ ପଡ଼ିଥିବା ପାଣିରେ ତାଙ୍କର ଗୋଡ଼ ଖସିଯିବାରୁ ସେ ଟ୍ରେନ୍ ବାହାରକୁ ଖସି ପଡ଼ିଥିଲେ। ଫଳରେ ଟ୍ରେନର ଟ୍ରାକ୍ ଭିତରେ ପଡ଼ି ଯାଇଥିଲେ। ରେଳବାଇ ପୋଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ କରି ବୁଧବାର ପରିବାରକୁ ହସ୍ତାନ୍ତର କରିଛି।

## ଜିରାଗୁଡ଼ା– ଆଇତା ହାଣ୍ଡି ରାସ୍ତା ମରଣଯନ୍ତା



କୁନ୍ଦୁରା,୨୦।୩ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି ଗ୍ରାମ ପଞ୍ଚାୟତ ସଦର ମହକୁମା ଦେଇ ଯାଇଥିବା ଜିରାଗୁଡ଼ା ଏବଂ ଆଇତା ହାଣ୍ଡି ରାସ୍ତା ମରଣଯନ୍ତା ପାଲଟିଛି । ଫଳରେ ଏହି ରାସ୍ତା ଦେଇ ଯିବାଆସିବା ପାଇଁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ସାରା କାଦୁଅ ପଚପଚ ହୋଇଥିବାରୁ ଲୋକେ ଯିବା ଆସିବା ପାଇଁ ବହୁତ ହଇରାଣ ହେଉଛନ୍ତି। ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଥିବା ଅଭିଯୋଗ ହେଉଛି।

### ମେଗା ଜଳ ପ୍ରକଳ୍ପ କାର୍ଯ୍ୟ ଯୋଗୁ କାଦୁଅରେ ପଚ ପଚ ରାସ୍ତା

ଗତ କିଛି ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧିନରେ ଡଙ୍ଗରପାଉଁଶି ଛକ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଆରମ୍ଭ କରି ଜିରାଗୁଡ଼ା ଏବଂ ବେଢ଼ାପାଉଁଶି ଗ୍ରାମ ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ ହୋଇଥିଲା। ଏହି ରାସ୍ତା ଦେଇ ପ୍ରତିଦିନ ବାଲି ବୋଝେଇ ଭାରିଯାନ ଯାତାୟାତ କରିବା ଫଳରେ ଅଳ୍ପ ଦିନ ମଧ୍ୟରେ ରାସ୍ତା ମାଟିରେ ମିଶିଗଲା। ରାସ୍ତା ନିର୍ମାଣ ହେବାରୁ ୫ ବର୍ଷ ଭିତରେ ଶୋଚନୀୟ ହୋଇପଡ଼ିଥିବାରୁ ଏହାକୁ ପୁନର୍ବାର ନିର୍ମାଣ ପାଇଁ ଗ୍ରାମବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ଅନୁରୋଧ କରିଥିଲେ।କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅନୁରୋଧ କରିଥିଲେ। ରାସ୍ତା ନିର୍ମାଣ ହେବା ପରଠାରୁ ଆଦୌ ମରାମତି କରାଯାଇ ନ ଥିବାରୁ ରାସ୍ତା ରକ୍ଷଣାବେକ୍ଷଣ କରିବା ନିମନ୍ତେ ଆସିଥିବା ଅର୍ଥ କୁଆଡେ ଗଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତେବେ ଉକ୍ତ ରାସ୍ତା ନିର୍ମାଣ ନିମନ୍ତେ ଆଉଥରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ରାସ୍ତା ନିର୍ମାଣ କାମ ପାଇଁ ଏବେ ବାଧକ ସାଜିଛି ମେଗା ଜଳ ପ୍ରକଳ୍ପ। ମୁଖ୍ୟ ଜଳ ଯୋଗାଣ ପ୍ରକଳ୍ପରୁ ବିଭିନ୍ନ ଗ୍ରାମକୁ ପାନୀୟ ଜଳଯୋଗାଣ ପାଇଁ ପାଇପ୍ ବିଛାଇବା ଲାଗି ରାସ୍ତାର ବିଭିନ୍ନ ସ୍ଥାନରେ ଖୋଳି ବଡ଼ ବଡ଼ ପାଇପ ପୋତାଯାଇଛି। ସିମେଣ୍ଟ କଂକ୍ରିଟ ବଦଳରେ ଖାଲି ବାଲି ଓ ମାଟି ଦେଇ ପୋତା ଯାଇଥିବାରୁ ରାସ୍ତା ସାରା ଖାଲଡିପରେ ଭର୍ତ୍ତି ହୋଇଛି। ଗତ ୨ ଦିନ ହେଲା ବର୍ଷା ଯୋଗୁ ରାସ୍ତା ଚିକିଟା କାଦୁଅରେ ଭର୍ତ୍ତି ହୋଇଥିବାରୁ ଯାତାୟାତରେ ବାଧା ସୃଷ୍ଟି ପ୍ରଶାସନ ପକ୍ଷରୁ ତୁରନ୍ତ ରାସ୍ତା ମରାମତି କରାଯିବାକୁ ଦାବି ହୋଇଛି।

## ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିଶୁ ସୁରକ୍ଷା କେନ୍ଦ୍ରକୁ ହସ୍ତାନ୍ତର

- ୨ ପିଲାଙ୍କ ଲାଳନପାଳନ ପାଇଁ ଅର୍ଥ ବାଧକ
- ଶିଶୁଙ୍କୁ ହସ୍ତାନ୍ତରକରି ଦାଦନ ଗଲେ ବାପା
- ୪ ବର୍ଷର ପୁଅକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣକଲେ ବଙ୍ଗୀୟ ଦମ୍ପତି

ରାୟଗଡ଼ା,୨୦।୩(ଆଶିଷ ରଞ୍ଜନ ପଣ୍ଡା)



ବଙ୍ଗୀୟ ଦମ୍ପତି ପୋଷ୍ୟ ସନ୍ତାନ ଗ୍ରହଣ ସମୟରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ସ୍ତ୍ରୀର ମୃତ୍ୟୁ ପରେ ୭ ବର୍ଷର ଝିଅ ଓ ୪ ବର୍ଷର ପୁଅର ଲାଳନପାଳନ କରିବାରେ ଅସମର୍ଥ ବାପା। ପିଲାଙ୍କୁ ପାଳିବାରେ ଅର୍ଥ ବାଧକ ସାଜିବାରୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିଶୁ ସୁରକ୍ଷା କେନ୍ଦ୍ରକୁ ହସ୍ତାନ୍ତର କଲେ ବାପା । ଝିଅଟି ମାନସିକ ବିକୃତ ହୋଇଥିବାରୁ ଏବେ ଚିକିତ୍ସାଧୀନ ଅଛନ୍ତି। ତେବେ ପୁଅକୁ ପୋଷ୍ୟ ସନ୍ତାନ ଭାବେ ଗୁରୁବାର ଗ୍ରହଣ କରିଛନ୍ତି ଏକ ବଙ୍ଗୀୟ ଦମ୍ପତି। ରାୟଗଡ଼ା ଜିଲାପାଳ ମନୋଜ ସତ୍ୟୱାନ ମହାଜନଙ୍କ ଉପସ୍ଥିତିରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଉକ୍ତ ଶିଶୁପୁତ୍ରକୁ ଗ୍ରହଣ କରିଥିଲେ ବଙ୍ଗୀୟ ଦମ୍ପତି । ଏହିଭଳି ଦୃଶ୍ୟ ଦେଖିବାକୁ ମିଳିଛି ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡ ଅଞ୍ଚଳରେ ।

ଗୁଣପୁର ଉପଖଣ୍ଡ ଅଞ୍ଚଳର ମିଟୁ କାଡ୍ରାକଙ୍କ ସ୍ତ୍ରୀଙ୍କର କୋଭିଡ୍ ସମୟରେ ମୃତ୍ୟୁ ଘଟିଥିଲା। ଛୋଟ ଝିଅ ଏବଂ ପୁଅର ସମସ୍ତ ଦାୟିତ୍ୱ ମିଟୁଙ୍କୁ ବହନ କରିବାକୁ ପଡ଼ିଲା। ଗତ ବର୍ଷ ଝଡ଼ତୋଫାନରେ ତାଙ୍କ ଝୁମ୍ପୁଡ଼ି ଘର ମଧ୍ୟ ଉଡ଼ିଯାଇଥିଲା। ଆର୍ଥିକ ସ୍ୱଚ୍ଛଳ ନ ଥିବାରୁ ଘର ତିଆରି କରିପାରି ନ ଥିଲେ ମିଟୁ । ଫଳରେ ପଲିଥିନ ଟାଙ୍ଗି ଅତି ଦୟନୀୟ ଅବସ୍ଥାରେ ଜୀବନ କାଟୁଥିଲେ ବାପା ଓ ୨ ପିଲା । ଅଧିକାଂଶ ସମୟରେ ପିଲାଙ୍କୁ ପଲିଥିନ୍ ତଳେ ଛାଡ଼ି କୁଲି ମଜୁରି କରିବାକୁ ବାହାରକୁ ଯାଉଥିଲେ ମିଟୁ। ଏହି ସମୟରେ ଝଡ଼ତୋଫାନର କ୍ଷୟକ୍ଷତି ଆକଳନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା ପାଇଁ ବିଡିଓ, ତହସିଲଦାର ଓ ସିଡିପିଓ ଗାଁ ଗାଁ ବୁଲି ସମୀକ୍ଷା କରୁଥିବାବେଳେ ୨ ପିଲାଙ୍କୁ ଦୟନୀୟ ଅବସ୍ଥାରେ ଦେଖି ତାଙ୍କ ବାପା ମିଟୁଙ୍କ ସହିତ ଯୋଗାଯୋଗ କରିଥିଲେ । ତେବେ ମିଟୁ ସେମାନଙ୍କ ଲାଳନପାଳନରେ ଅକ୍ଷମତା ନେଇ ପ୍ରଶାସନିକ ଅଧିକାରୀଙ୍କ ଆଗରେ ଜଣାଇଥିଲେ । ଏହି ଖବର ଶିଶୁ ସୁରକ୍ଷା କେନ୍ଦ୍ର ଅଧିକାରୀ ଜାଣିବା ପରେ ମିଟୁଙ୍କ ସହ ଆଲୋଚନା କରିଥିଲେ । ତେବେ ପିଲାଙ୍କୁ ଲାଳନପାଳନ କରିବାକୁ ମିଟୁ ଏକୁଟିଆ ଅସମର୍ଥ ବୋଲି ପ୍ରଶାସନିକ ଅଧିକାରୀଙ୍କ ଆଗରେ କହିବା ସହ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶିଶୁ ସୁରକ୍ଷା କେନ୍ଦ୍ରକୁ ଦେଇଦେବାକୁ କହିଥିଲେ। ପ୍ରଶାସନିକ ଅଧିକାରୀଙ୍କ ସହମତିକ୍ରମେ ମିଟୁ ୨ ପିଲାଙ୍କୁ ଶିଶୁ ସୁରକ୍ଷା କେନ୍ଦ୍ରକୁ ହସ୍ତାନ୍ତରକରି ନିଜେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଚାଲିଯାଇଥିବା ଶିଶୁ ସୁରକ୍ଷା କେନ୍ଦ୍ର ପକ୍ଷରୁ ଜଣାପଡ଼ିଛି । ଝିଅଟି ମାନସିକ ବିକୃତ ଥିବାରୁ ଶିଶୁ ସୁରକ୍ଷା କେନ୍ଦ୍ର ତତ୍ତ୍ୱାବଧାନରେ ଏବେ ଚିକିତ୍ସାଧୀନ ଅଛନ୍ତି। ପୁଅକୁ ଏକ ବଙ୍ଗୀୟ ଦମ୍ପତି ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କଲାବେଳେ ଜିଲାପାଳଙ୍କ ସହ ଶିଶୁ ମଙ୍ଗଳ ଅଧକ୍ଷା ବିଦ୍ୟୁଲତା ହୁଇକା, କୈଳାସ ଚନ୍ଦ୍ର ପାଳ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ, ନିରାକାର ପାଢ଼ୀ, ପ୍ରମୋଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଏ ନେଇ ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀଙ୍କୁ ପଚାରିବାରୁ ସେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ଏବଂ ଏହି ଦୁଇ ଶିଶୁଙ୍କୁ ତାଙ୍କ ବାପା ଗତ ବର୍ଷ ଅଗଷ୍ଟରେ ହସ୍ତାନ୍ତର କରିଥିଲେ ବୋଲି କହିଛନ୍ତି । ଏ ନେଇ ତାଙ୍କ ବାପାଙ୍କୁ ସରକାରୀ ସହାୟତା ମିଳିଛି କି ନାହିଁ ସେ ଜାଣି ନ ଥିବା ଶିଶୁ ମଙ୍ଗଳ ବିଭାଗ ଅଧକ୍ଷା ବିଦ୍ୟୁଲତା ହୁଇକା କହିଛନ୍ତି।

# ଭୋଟ୍ ଦାନରୁ ବିରତ ରହିବାକୁ ଗ୍ରାମବାସୀଙ୍କ ଚେତାବନୀ

ପଟ୍ଟାଙ୍ଗି,୨୦।୩(ଶରତ ଧଳ)



ଗ୍ରାମାଞ୍ଚଳଠାରୁ ବ୍ଲକ ଓ ଜିଲାକୁ ସଂଯୋଗ କରୁଥିବା ରାସ୍ତା ଗୁଡିକର ଉନ୍ନତି ପାଇଁ ସରକାର କୋଟି କୋଟି ଟଙ୍କା ପ୍ରଦାନ କରୁଥିବା ବେଳେ ବିଭାଗୀୟ ଯନ୍ତ୍ରୀ ଏବଂ ଠିକାଦାରଙ୍କ ମଧୁ ଚନ୍ଦ୍ରିକା ଭିତରେ ନିର୍ମାଣ କାର୍ଯ୍ୟ ନେଇଥିବା ବିଭାଗ ଲକ୍ଷ୍ୟ ଦିଗହରା ହେଉଛି, ଫଳରେ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏ ପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଆନ୍ଧ୍ର ସୀମାନ୍ତ ଅମ୍ପାବାଲି ପଞ୍ଚାୟତରେ । ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତରୁ ଆନ୍ଧ୍ର ରାଜ୍ୟ ସୀମାନ୍ତ ଆରୁକୁ ତଥା ଓଡିଶା ସୀମା ମଧ୍ୟରେ ଥିବା ଡୁମୁରିଗୁଡାଠାରୁ କୁମ୍ଭାରୀ ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଜିଲା ପ୍ରଶାସନ ପକ୍ଷରୁ ଡିଏମ୍ଏଫ୍ ଯୋଜନା ମାଧ୍ୟମରେ ୫ ଫେବୃଆରୀ ୨୦୧୯ ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା । କିନ୍ତୁ ଇତି ମଧ୍ୟରେ ୫ ବର୍ଷ ବିତିଯାଇଥିଲେ ମଧ୍ୟ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ସୁନାବେଡା ଗ୍ରାମ୍ୟ ଉନ୍ନୟନ ବିଭାଗ ବିଫଳ ହୋଇଛି । ଯାହାକୁ ନେଇ ବର୍ତ୍ତମାନ ଗ୍ରାମବାସୀଙ୍କ କ୍ଷେତ୍ରରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ନିର୍ବାଚନ ସମୟରେ ଯେଉଁ ନେତା ବା ଅଧିକାରୀ ଗ୍ରାମରେ ପହଞ୍ଚିବାକୁ ଚେଷ୍ଟା କରିବେ ତାଙ୍କୁ ପୁରାଇ ନ ଦେବା ସହ ଭୋଟ୍ ଦାନରୁ ବିରତ ରହିବୁ ବୋଲି କଡା ଚେତାବନୀ ଦେଇଛନ୍ତି । ଏହିପରି ଉପରୋକ୍ତ ସମସ୍ୟା ଜିଲାପାଳଙ୍କ ମିଳିତ ଜନ ଶୁଣାଣିରେ ଲିଖିତ ଅଭିଯୋଗ କରି ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୈାଣସି ସୁଫଳ ମିଳି ନାହିଁ । ସେହିପରି ଏନେଇ ଜୋନ୍ ୨ ଜିଲା ପରିଷଦ ସଭ୍ୟଙ୍କଠାରୁ ଆରମ୍ଭ କରି ବିଧାୟକ ଏବଂ ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା କୋରାପୁଟ ବିଧାୟକ ସହ ଅନେକ ରାଜନେତାଙ୍କ ଦୃଷ୍ଟିକୁ ଆଣିଥିଲେ ମଧ୍ୟ କେହି ସହଯୋଗ କରିବାକୁ ଇଛା କରିନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ବର୍ତ୍ତମାନ ନିର୍ବାଚନ ସମୟ ଆସିଥିବା ବେଳେ ଭୋଟ୍ ହାତେଇବା ପାଇଁ ସବୁ ନେତା ଗ୍ରାମ ମୁହାଁ ହେବାପରେ ତାଙ୍କୁ ଉଚିତ ଜବାବ୍ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟପକ୍ଷରେ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ୨୦୧୯ ସେପ୍ଟେମ୍ବର ୧୩ ତାରିଖରୁ ଆରମ୍ଭ ହୋଇ ୨୦୨୦ ଅଗଷ୍ଟ ୧୨ରେ କାର୍ଯ୍ୟ ସାରିବା ପାଇଁ ସୂଚନା ଫଳକ

■ନିର୍ଦ୍ଧାରିତ ସମୟରେ ସରିଲାନି ରାସ୍ତା ନିର୍ମାଣ

■ନେତାଙ୍କୁ ଗ୍ରାମକୁ ପୂରାଇ ଦେବୁନି

ଲଗା ଯାଇଥିଲେ ମଧ୍ୟ ଠିକାଦାର ଟେନଜ୍ କୁମାର କୁଲୁଦିପ କାମ ଶେଷ କରିବାରେ ବିଫଳ ହୋଇଛନ୍ତି । ଏପରିସ୍ଥିତିରେ ମଧ୍ୟ ବିଭାଗୀୟ ଯନ୍ତ୍ରୀ ଉକ୍ତ ସମସ୍ୟା ଉପରେ କୌଣସି ପଦକ୍ଷେପ ଗ୍ରହଣ ନ କରି ଚୁପ୍ ହୋଇ ଠିକାଦାରଙ୍କୁ ପ୍ରଶ୍ରୟ ଦେଇ ଚାଲିବା ସହ ସରକାରଙ୍କ ଲକ୍ଷ୍ୟକୁ ଦିଗହରା କରିବାରେ ଲାଗିଛନ୍ତି । ସେପଟେ ଗ୍ରାମବାସୀ ଯାତାୟାତରେ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ଏଥି ପ୍ରତି କାହାରି ଦୃଷ୍ଟି ପଡୁନାହିଁ । ଏ ନେଇ ବିଭାଗୀୟ ଏସ୍ଡିଓ ଏସ୍.କେ. ଦାଶଙ୍କୁ ପଚାରିବାରୁ ଉକ୍ତ କାର୍ଯ୍ୟ କିପରି ସରିବ ସେ ନେଇ ମୁଁ ବ୍ୟକ୍ତିଗତ ଭାବେ ଚିନ୍ତିତ । କାର୍ଯ୍ୟ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହ ଆଲୋଚନା କରି ତୁରନ୍ତ ସାରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ଶଟର ଭାଙ୍ଗି ଲୁଟ୍ ଘଟଣା, ଅଭିଯୁକ୍ତ ଗିରଫ



ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି ।

ବୋରିଗୁମ୍ମା,୨୦।୩ (ବିଜୟ ସାହୁ)

କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅଞ୍ଚଳରେ ଗତ କିଛି ଦିନ ହେଲା ଲୁଟ୍ ଘଟଣା ବଢ଼ିବାରେ ଲାଗିଛି । ଗତ ୪ଦିନ ତଳେ ନବରଙ୍ଗପୁର ରୋଡ଼ରେ ଥିବା ଏକ ଦୋକାନ ସଟର ଭାଙ୍ଗି ଲୁଟ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏ ଘଟଣାରେ ବୋରିଗୁମ୍ମା ପୋଲିସ ମୁଖ୍ୟ ଅଭିଯୁକ୍ତ ହୁସେନ ହରିଜନ (୧୯)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ମୋବାଇଲ ଓ ୨ହଜାର ଟଙ୍କା ଜବତ କରିଛି । ଅଭିଯୁକ୍ତ ହୁସେନଙ୍କ ଘର ନବରଙ୍ଗପୁର ସହରର ଲୋହରା ସାହିରେ ବୋଲି ବୁଧବାର ଏକ ଖବରଦାତା ସମ୍ମିଳନୀରେ ବୋରିଗୁମ୍ମା ଏସ୍ଡିପିଓ ତପସ୍ୱିନୀ କହଁର ସୂଚନା ଦେଇଛନ୍ତି । ପୋଲିସ ସୂଚନା ଅନୁଯାୟୀ, ଦୀପକ ସିଂହଙ୍କ ଦୋକନ ଶଟର ଭାଙ୍ଗି ଲୁଟ୍ ହୋଇଥିବା ନେଇ ସେ ଥାନାରେ ଏନେଇ ଏତଲା ଦେଇଥିଲେ । ଏ ନେଇ ପୋଲିସ ୬୭/୨୪ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ହୁସେନଙ୍କୁ ଗିରଫ କରିଥିଲା । କିଛି ଦିନ ପୂର୍ବରୁ ହୁସେନ ଭବାନୀପାଟଣା ଜେଲରୁ ଜାମିନରେ ଆସିଥିବା ପୋଲିସ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଲୁଟ ଘଟଣାରେ ଅନ୍ୟ ୨ଅଭିଯୁକ୍ତଙ୍କୁ ଚିହ୍ନଟ ସରିଛି, ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଜଣାପଡିଛି । ଖବରଦାତା ସମ୍ମିଳନୀରେ ଥାନା ଆଇଆଇସି ଯୁଗଳ କିଶୋର ସା,ତଦନ୍ତକାରୀ ଏଏସ୍ଆଇ ସୁବାସ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ଥିଲେ ।

## ଦାମନଯୋଡି ଶିଳ୍ପାଞ୍ଚଳକୁ ଲୁଟୁଛନ୍ତି ଅଣଓଡ଼ିଆ

ଦାମନଯୋଡି,୨୦।୩ (ମାନସ ରଞ୍ଜନ କର)–କୋରାପୁଟ ଜିଲା ଦାମନଯୋଡି ଏକ ପ୍ରମୁଖ ଶିଳ୍ପାଞ୍ଚଳ ଭାବେ ପରିଗଣିତ । ଏଠାରେ ଏସିଆ ମହାଦେଶର ସର୍ବବୃହତ ନାଲକୋ ଖଣି ଓ ବିଶୋଧନାଗାର ରହିଛି । ଏଠାକାର ଲୋକମାନେ ସରଳ ବିଶ୍ୱାସୀ । ଏହାର ସୁଯୋଗ ନେଇ ଅଞ୍ଚଳବାସୀଙ୍କୁ ଠକି ଚାଲିଛନ୍ତି ବାହାର ରାଜ୍ୟର ଅଣଓଡ଼ିଆ । ମିଛ କହି ଲୋକଙ୍କଠାରୁ ହଜାର ହଜାର ଟଙ୍କା ଲୁଟି ନେଉଥିବା ଦେଖିବାକୁ ମିଳୁଛି । ଗତ କିଛିଦିନ ହେଲା ପଡୋଶୀ ବିହାର ରାଜ୍ୟରୁ କେତେକ ଠକ ତଥା ଦଲାଲମାନେ କମ୍ପାନୀର ପ୍ରଚାର ବାହାନା କରି ଅଟୋରେ ଗାଁ ଗାଁ ,ବଜାର ଘାଟ, ଗଳିକନ୍ଦି ଯାଇ ଶସ୍ତା ଦାମରେ ଏଲ୍ଇଡି ବଲ ନିଅନ୍ତୁ କହି ଆଦାବାସୀଙ୍କୁ ଭୁଆଁ ବୁଲାଇ ହଜାର ହଜାର ଟଙ୍କା ଲୁଟି ନେଉଥିବା ଅଭିଯୋଗ ହେଉଛି । ଚାରୋଟି ଏଲଇଡି ବଲ ମାତ୍ର ଶହେ ଟଙ୍କା ଏବଂ ଏହା କମ୍ପାନୀ ପ୍ରଚାର ବୋଲି କହୁଛନ୍ତି । କେଉଁ କମ୍ପାନୀର ଏହି ପ୍ରଚାର ଚାଲିଛି ପଚାରିଲେ ସେମାନେ କୌଣସି ଉତ୍ତର ଦେଉନାହାନ୍ତି । ଯଦି କେହି ଏହି ବିଷୟରେ ଅଭିଯୋଗ କରୁଛି ତେବେ ଦଲାଲମାନେ ସେ ସ୍ଥାନରୁ ଅନ୍ୟ ଗ୍ରାମକୁ ଯାଉଛନ୍ତି । ସେମାନେ ଯେଉଁ ଏଲ୍ଇଡି ବଲ ଦେଉଛନ୍ତି ଘରକୁ ଆଣିଲା ପରେ ଅଧିକାଂଶ ଫିଉଜ ହେଇଯାଉଛି ତ ମାତ୍ର କେତେ ସମୟ ପରେ ସେଗୁଡିକ କାମ କରୁନଥିବା ଲୋକେ କହୁଛନ୍ତି । ଏହି ଭଳି ଅଞ୍ଚଳର ସରଳ ଆଦିବାସୀ ଲୋକଙ୍କୁ ଠକିବା ଉଦ୍ଦେଶ୍ୟରେ ପଡୋଶୀ ବିହାର ରାଜ୍ୟରୁ ଏକ ସକ୍ରିୟ ଦଲାଲ ଗ୍ୟାଙ୍ଗ ଦାମନଯୋଡି ଶିଳ୍ପାଞ୍ଚଳକୁ ଆସି ସ୍ଥାନୀୟ ଭେଜାପୁଟରେ ଡେରା ପକାଇଥିବା ଜଣାପଡିଛି । ଏଭଳି ଦଲାଲମାନେ ଅଞ୍ଚଳର ଗରିବ ତଥା ସରଳ ବିଶ୍ୱାସୀ ଲୋକଙ୍କୁ ଠକି ହଜାର ହଜାର ଟଙ୍କା ଲୁଟି ନେଉଥିବା ବେଳେ ଏଥିପ୍ରତି ପୋଲିସ ଦୃଷ୍ଟି ପଡୁନାହିଁ । ତେଣୁ କୋରାପୁଟ ଜିଲା ପୋଲିସ ଏବଂ ସ୍ଥାନୀୟ ପୋଲିସ ପକ୍ଷରୁ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସାଧାରଣରେ ଦାବି ହୋଇଛି ।

# ସାଇବର ଠକେଇର ମୁଖ୍ୟ ଅଭିଯୁକ୍ତ ଗିରଫ



ପୋଲିସ ଖବରଦାତା ସମ୍ମିଳନୀରେ ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ଦେଇଛନ୍ତି ।

କୋରାପୁଟ,୨୦।୩(ଅମିତାଭ ବେହେରା)

■ମୟୂରଭଞ୍ଜରୁ ଗିରଫ ହେଲେ ଅଭିଯୁକ୍ତ

■୧ ଲକ୍ଷ ୫୮ ହଜାର ଟଙ୍କା ସହ ମୋବାଇଲ ଜବତ

କୋରାପୁଟ ସାଇବର ପୋଲିସକୁ ମିଳିଛି ସଫଳତା ମିଳିଛି । ଟେଲିଗ୍ରାମ ଚାନେଲ ଜରିଆରେ ଅର୍ଥ ଲଗାଇଲେ ଅଧିକ ଅର୍ଥ ଦିଆଯିବ ବୋଲି କହି ସାଇବର ଠକେଇ ହେଉଥିଲା । ଏହି ଘଟଣାର ପର୍ଦ୍ଦାଫାଶ କରି ଠକେଇରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ମୟୁରଭଞ୍ଜରୁ ଗିରଫ କରାଯାଇଛି । ତାଙ୍କ ନିକଟରୁ ଏକ ମୋବାଇଲ ସହ ୧ ଲକ୍ଷ ୫୮ ହଜାର ଟଙ୍କା ଜବତ କରାଯାଇଥିବା କୋରାପୁଟ ପୋଲିସ ଏସ୍ଡିପିଓ ଶ୍ରାବଣୀ ନାୟକ ସ୍ଥାନୀୟ ସାଇବର ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୁଚନା ଦେଇଛନ୍ତି ।

ଏସ୍ଡିପିଓଙ୍କ ସୁଚନାନୁଯାୟୀ ଅଭିଯୁକ୍ତ ଏକ ଗ୍ରୁପ୍ ଖୋଲି ହ୍ୱାଟ୍ସଆପ୍‌ରେ ବିଭିନ୍ନ ବ୍ୟକ୍ତିଙ୍କୁ ଅଧିକ ଅର୍ଥ ଦେବି ବୋଲି କହି ଚାଟ୍ କରୁଥିଲେ । କୋରାପୁଟ ଜିଲା ପଟ୍ଟାଙ୍ଗି ଅଞ୍ଚଳର ଆଶିଷ କୁମାର ପ୍ରଧାନ ଲୋଭର ବଶବର୍ତୀ ହୋଇ ୧ ଲକ୍ଷ ୫୮ ହଜାର ଟଙ୍କା ଏହି ଗ୍ରୁପ୍‌ରେ ଲଗାଇଥିଲେ । ମାତ୍ର ୭ ଦିନ ପରେ ତାଙ୍କ ଟଙ୍କା ନ ଆସିବାରୁ ୭ ଫେବୃୟାରୀ ୨୦୨୪ରେ କୋରାପୁଟ ସାଇବର ଥାନାରେ ଅଭିଯୋଗ କରିଥିଲେ । ଏ ନେଇ କେସ୍ ନଂ ୨/୨୪ରେ ୪୧୯, ୪୨୦ ଓ ୩୪ ଆଇପିସିରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି । କୋରାପୁଟ ଏସ୍ପି ଅଭିନବ ସୋନକାରଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଅଭିଯୋଗକାରୀଙ୍କ ପକ୍ଷରୁ ଦର୍ଶାଯାଇଥିବା ମୋବାଇଲ ହ୍ୱାଟ୍ସଆପ ନମ୍ବର ଟ୍ରାକିଂ କରି ଅଭିଯୁକ୍ତ ଜଗନ୍ନାଥ ବେହେରା ମୟୁରଭଞ୍ଜ ଅଞ୍ଚଳରେ ଥିବା ଜଣାପଡ଼ିଥିଲା । ପରେ ଏହି ଦଳ ମୟରୁଭଞ୍ଜ ଯାଇ ରାସଗୋବିନ୍ଦପୁର ଥାନା ଅଧୀନ କାନପୁରରୁ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ତାଙ୍କଠାରୁ ଏକ ମୋବାଇଲ ଫୋନ ସହ ୧ ଲକ୍ଷ ୫୮ ହଜାର ଟଙ୍କା ପୋଲିସ ଜବତ କରିଛି । ତାଙ୍କୁ ଜେରା କରିବା ପରେ ଅଭିଯୁକ୍ତଙ୍କ ନାମରେ ପୃଥକ୍ ପୃଥକ୍ ବ୍ୟାଙ୍କରେ ୧୦ ଖାତାରେ ୧କୋଟି ଟଙ୍କା ଥିବା ଜଣାପଡ଼ିଛି । ତାଙ୍କ ନାମରେ ବିଭିନ୍ନ ଥାନାରେ ପୂର୍ବରୁ ଏପରି ଅନେକ ମାମଲା ରହିଥିବା କୋରାପୁଟ ଏସ୍ଡିପିଓ ସମ୍ମିଳନୀରେ ସୂଚନା ଦେଇଛନ୍ତି । ମୋବାଇଲକୁ ଆସୁଥିବା ମେସେଜକୁ ଦେଖି ଏଥିରେ ଟଙ୍କା ଜମା ନ କରି ସାଇବର ଥାନାକୁ ଜଣାଇବାକୁ ଏସଡିପିଓ କହିଛନ୍ତି । ଏହି ଖବରଦାତା ସମ୍ମଳନୀରେ କୋରାପୁଟ ସାଇବର ଥାନାଧିକାରୀ ଭବାନୀ ପ୍ରଧାନ ଉପସ୍ଥିତ ଥିଲେ ।

## ୪ ବର୍ଷ ବିତିଲା, ସରୁନି ପଞ୍ଚାୟତ ଷ୍ଟଲ ନିର୍ମାଣ

ନନ୍ଦପୁର,୨୦।୩(ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଅନ୍ତର୍ଗତ ହିକିମପୁଟ ପଞ୍ଚାୟତ ଦୋକାନ ଗୃହ କାର୍ଯ୍ୟ ଆରମ୍ଭ ହେବାର ୪ ବର୍ଷ ବିତିଲାଣି, ହେଲେ ସରିବାର ନା ନେଉନି । ପାଣ୍ଠି ଅଭାବରୁ ଠିକାଦାର କାନ୍ଥ ଟେକି ନିମଟାଲ ପର୍ଯ୍ୟନ୍ତ କାର୍ଯ୍ୟକରି କାମ ବନ୍ଦ ରଖିଛନ୍ତି ।

ସୂଚନାଯୋଗ୍ୟ, ୪ବର୍ଷ ତଳେ ହିକିମପୁଟ ପଞ୍ଚାୟତର ବିକାଶ ଲାଗି ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଦୋକାନ ଘରର ଉପର ମହଲାରେ ସମାନ ସଂଖ୍ୟକ ଦୋକାନ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ପଞ୍ଚାୟତର ଆୟ ବଢ଼ିବା ସହିତ ସ୍ଥାନୀୟ ଯୁବତୀ ଯୁବକ କିଛି ବ୍ୟବସାୟୀକ ସଂସ୍ଥା ସ୍ଥାପନ କରି ରୋଜଗାରକ୍ଷମ ହେବା ନେଇ ଲକ୍ଷ୍ୟ ଥିଲା । କିନ୍ତୁ ଦୋକାନ ଗୃହ ଏବେ ଅଧାନ୍ତରିଆ ଅବସ୍ଥାରେ ପଡ଼ି ରହିଛି । ଏ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡମ୍ବରୁଧର ପାଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ, ଯେତିକି ନିର୍ମଣ କାର୍ଯ୍ୟ ହୋଇଛି ପଞ୍ଚାୟତ ପାଣ୍ଠିରୁ ସେତିକି ଟଙ୍କାର ବିଲ କରାଯାଇ ଠିକାଦାରଙ୍କୁ ପୈଠ କରାଯାଇଛି । ଏବେ ପାଣ୍ଠି ଅଭାବ ଥିବାରୁ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବା ସେ କହିଛନ୍ତି । ଅନ୍ୟପକ୍ଷରେ ଦୀର୍ଘ ୪ ବର୍ଷ ଭିତରେ ୪ଥର ବାର୍ଷିକ ଯୋଜନା ଅଟକଳ କରାଯାଇ ପଞ୍ଚାୟତକୁ ଆସୁଥିବା ଟଙ୍କା ନୂଆ ନୂଆ ପ୍ରକଳ୍ପ ପାଇଁ ଖର୍ଚ୍ଚ କରାଯାଉଛି । ହେଲେ ଅସମ୍ପୂର୍ଣ୍ଣ ଦୋକାନଗୃହ ନିର୍ମାଣ ପାଇଁ କାହିଁକି ବ୍ୟୟ ବରାଦ କରାଯାଇ ନାହିଁ ବୋଲି ପଞ୍ଚାୟତବାସୀ ପ୍ରଶ୍ନ କରିଛନ୍ତି । ଏ ସମ୍ପର୍କରେ ନନ୍ଦପୁର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଝସକେତନ ବେହେରାଙ୍କୁ ପଚାରିବାରେ ବର୍ତ୍ତମାନ ନିବାଚନ ଆଚରଣ ବିଧି ଲାଗୁ ହୋଇଛି । ନିର୍ବାଚନ ପରେ ପାଣ୍ଠି ବରାଦ କରି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ସେ କହିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ସମିତି ସଭ୍ୟାସଭ୍ୟ



ଉମରକୋଟ, ୨୦।୩ (ସନ୍ତୋଷ ଶତପଥୀ)

ସମିତି ସଭ୍ୟା ସଭ୍ୟଙ୍କ ପାରିତୋଷିକ ଭତ୍ତା ବୃଦ୍ଧି କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ସମିତି ସଭ୍ୟାସଭ୍ୟ କୃତଜ୍ଞତା ଜଣାଇଛନ୍ତି । ଉମରକୋଟ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁଶୀଳା ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଉମରକୋଟ ସମିତି ସଂଘ ସଭାପତି ବକ୍ରମ ସିଂ, ବ୍ଲକ ଉପାଧ୍ୟକ୍ଷ ଶ୍ୟାମଲ ସରକାର, ତନୁଯା ଡାକୁଆ, ଚିନ୍ତାମଣି ଭତ୍ରା, ସନ୍ତୋଷ ରାୟ, ଗୁଣଧର ଭତ୍ରା, ପ୍ରଦୀପ ଗୌଡ଼ ଓ ସମସ୍ତ ସମିତି ସଭ୍ୟାସଭ୍ୟ ଉପସ୍ଥିତ ରହି କୃତଜ୍ଞତା ଜଣାଇଛନ୍ତି ।

ରାଜ୍ୟ ସମିତି ସଭ୍ୟ ସଂଘ ଡାକରାକ୍ରମେ କିଛି ଦିନ ପୂର୍ବରୁ ଉମରକୋଟ ବ୍ଲକର ସମସ୍ତ ସମିତି ସଭ୍ୟ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ଓ ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ପରିତୋଷିକ ବୃଦ୍ଧି ପାଇଁ ଦାବିପତ୍ର ଦେଇଥିଲେ । ପଞ୍ଚାୟତ ସମିତି ସଭ୍ୟାସଭ୍ୟମାନେ ପୂର୍ବରୁ ୨,୩୫୦ ଟଙ୍କା ପାରିତୋଷିକ ପାଉଥିଲେ । ଏହାପରେ ୭,୫୦୦ ଟଙ୍କା ପାଇବେ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ । କିନ୍ତୁ ସମିତି ସଭ୍ୟ ମାନେ ୧୦,୦୦୦ ପାରିତୋଷିକ ଦେବାକୁ ଦାବି ଜଣାଇଥିଲେ । ରାଜ୍ୟ ସରକାର ଦାବିକୁ ଗୁରୁତ୍ୱ ଦେଇ ପାରିତୋଷିକ ୯୫୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

# ଜଙ୍ଗଲ ସଂରକ୍ଷଣ ହେଲେ ଆଦିବାସୀଙ୍କ ଜୀବନ ଜୀବିକା ସୁରକ୍ଷିତ ରହିବ

## ଜଙ୍ଗଲ ସୁରକ୍ଷା, ସଂରକ୍ଷଣର ଆବଶ୍ୟକତା ଓ ଆଦିବାସୀଙ୍କ ଅର୍ଥନୀତି ଶୀର୍ଷକ କର୍ମଶାଳା

କୋରାପୁଟ,୨୦।୩(ଅମିତାଭ ବେହେରା)




ବୈଠକରେ ଉପସ୍ଥିତ ଅତିଥିମାନେ ।

କୋରାପୁଟ କୋଟସ ସଭାଗୃହଠାରେ କୋଟସ ଓ ଏଫ୍ଇଏସ (ଫାଉଣ୍ଡେସନ ଫର ଇକୋଲିଜିକାଲ ସିକ୍ୟୁରିଟି) ଅନୁଷ୍ଠାନର ମିଳିତ ଆନୁକୁଲ୍ୟରେ ଜଙ୍ଗଲ ସୁରକ୍ଷା, ସଂରକ୍ଷଣର ଆବଶ୍ୟକତା ଏବଂ ଆଦିବାସୀଙ୍କ ଅର୍ଥନୀତି ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଛି । କୋଟସ୍‌ର ନିର୍ଦ୍ଦେଶକ ଡଃ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କର୍ମଶାଳାରେ କୋରାପୁଟ ବନଖଣ୍ଡ ଯୋଜନା ଅଧିକାରୀ ଧନୁର୍ଜୟ ମହାପାତ୍ର, ଆଦିବାସୀ ସଂଗ୍ରାହଳୟ ନିର୍ଦ୍ଦେଶକ ଡଃ ଜଗବନ୍ଧୁ ସାମଲ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରଫେସର ଡଃ କପିଳ ଖେମୁଣ୍ଡୁ, ଦେବ୍ରବତ ପଣ୍ଡା, ଜୟପୁରସ୍ଥିତ ସ୍ୱାମୀନାଥନ ଗବେଷଣା କେନ୍ଦ୍ର ବୈଜ୍ଞାନିକ ଡଃ କାର୍ତ୍ତିକ ଲେଙ୍କା, ସିୱାଇଏସ୍‌ଡିର ଅମିତ ରଥ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଜଙ୍ଗଲ ସୁରକ୍ଷା ଓ ସଂରକ୍ଷଣ ଦ୍ୱାରା ଆଦିବାସୀଙ୍କ ଜୀବନ ଓ ଜୀବିକା ସୁରକ୍ଷିତ ରହିପାରିବ ବୋଲି ଅତିଥିମାନେ କହିଥିଲେ । ବିଭିନ୍ନ ଜଙ୍ଗଲଜାତ ସାମାଗ୍ରୀ ସଂଗ୍ରହ ସହ ତାହାର ବଜାରିକରଣ ଦ୍ୱାରା ଆଦିବାସୀଙ୍କ ଆର୍ଥି ଅଭିବୃଦ୍ଧି ଘଟିଥାଏ । ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ଜଙ୍ଗଲ ସଂରକ୍ଷଣ ନେଇ ସଚେତନତା ସୃଷ୍ଟି ହୋଇପାରୁଛି ବୋଲି ଅତିଥିମାନେ ମତ ଦେଇଛନ୍ତି । ଜଙ୍ଗଲର ରକ୍ଷା ସହ କିପରି ପରିବେଶ ସନ୍ତୁଳନ ବଜାୟ ରହିବ ସେ ନେଇ ଅତିଥିମାନେ ଗୁରୁତ୍ୱ ଦେଇଥିଲେ । କାର୍ଯ୍ୟକ୍ରମକୁ ଏଫ୍ଇସିର ଅଧିକାରୀ ପ୍ରଦୀପ କୁମାର ମିଶ୍ର ପରିଚାଳନା କରିଥିଲେ । କୋଟସର ଡଃ ନରେନ୍ଦ୍ର ରଥ, ଗୋପିନାଥ ପ୍ରଧାନ, ଡଃ ରବି ନାରାୟଣ ପାତ୍ର, ସନ୍ତୋଷ କୁମାର ପଣ୍ଡା, ରାମକୃଷ୍ଣ ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ଏଫ୍ଇସି ବ୍ଲକ ସଂଯୋଜକ ଅନନ୍ତ ମିର୍ଦ୍ଧା ଧନ୍ୟବାଦ ଦେଇଥିଲେ ।

# ଜିରାଗୁଡ଼ା- ଆଇତା ହାଣ୍ଡି ରାସ୍ତା ପାଲଟିଛି ମରଣଯନ୍ତା

କୁନ୍ଦୁରା,୨୦।୩ (ସନ୍ତୋଷ ପ୍ରହରାଜ)



କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଡଙ୍ଗରପାଉଁଶି ଗ୍ରାମ ପଞ୍ଚାୟତ ସଦର ମହକୁମା ଦେଇ ଯାଇଥିବା ଜିରାଗୁଡ଼ା ଏବଂ ଆଇତା ହାଣ୍ଡି ରାସ୍ତା ମରଣଯନ୍ତା ପାଲଟିଛି । ଫଳରେ ଏହି ରାସ୍ତା ଦେଇ ଯିବାଆସିବା ପାଇଁ ଲୋକେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରାସ୍ତା ସାରା କାଦୁଅ ପଚପଚ ହୋଇଥିବାରୁ ଲୋକେ ଯିବା ଆସିବା ପାଇଁ ବହୁତ ହଇରାଣ ହେଉଛନ୍ତି । ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଥିବା ଅଭିଯୋଗ ହେଉଛି ।

ଗତ କିଛି ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅଧିନରେ ଡଙ୍ଗରପାଉଁଶି ଛକ ପୂର୍ତ୍ତ ବିଭାଗ ରାସ୍ତାଠାରୁ ଆରମ୍ଭ କରି ଜିରାଗୁଡ଼ା ଏବଂ ବେଢାପାଉଁଶି ଗ୍ରାମ ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ ହୋଇଥିଲା । ଏହି ରାସ୍ତା ଦେଇ ପ୍ରତିଦିନ ବାଲି ବୋଝେଇ ଭାରିଯାନ ଯାତାୟାତ କରିବା ଫଳରେ ଅଳ୍ପ ଦିନ ମଧ୍ୟରେ ରାସ୍ତା ମାଟିରେ ମିଶିଗଲା । ରାସ୍ତା ନିର୍ମାଣ ହେବାରୁ ୫ ବର୍ଷ ଭିତରେ ଶୋଚନୀୟ ହୋଇପଡ଼ିଥିବାରୁ ଏହାକୁ ପୁନର୍ବାର ନିର୍ମାଣ ପାଇଁ ଗ୍ରାମବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗ ନିକଟରେ ଅନୁରୋଧ କରିଥିଲେକିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ଅନୁରୋଧ କରିଥିଲେ । ରାସ୍ତା ନିର୍ମାଣ ହେବା ପରଠାରୁ ଆଦୌ ମରାମତି କରାଯାଇ

■ମେଗା ଜଳ ପ୍ରକଳ୍ପ କାର୍ଯ୍ୟ ଯୋଗୁ କାଦୁଅରେ ପଚ ପଚ ରାସ୍ତା

ନ ଥିବାରୁ ରାସ୍ତା ରକ୍ଷଣାବେକ୍ଷଣ କରିବା ନିମନ୍ତେ ଆସିଥିବା ଅର୍ଥ କୁଆଡେ ଗଲା ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି । ତେବେ ଉକ୍ତ ରାସ୍ତା ନିର୍ମାଣ ନିମନ୍ତେ ଆଉଥରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି । ରାସ୍ତା ନିର୍ମାଣ କାମ ପାଇଁ ଏବେ ବାଧକ ସାଜିଛି ମେଗା ଜଳ ପ୍ରକଳ୍ପ । ମୁଖ୍ୟ ଜଳ ଯୋଗାଣ ପ୍ରକଳ୍ପରୁ ବିଭିନ୍ନ ଗ୍ରାମକୁ ପାନୀୟ ଜଳଯୋଗାଣ ପାଇଁ ପାଇପ୍ ବିଛାଇବା ଲାଗି ରାସ୍ତାର ବିଭିନ୍ନ ସ୍ଥାନରେ ଖୋଳି ବଡ଼ ବଡ଼ ପାଇପ ପୋତାଯାଇଛି । ସିମେଣ୍ଟ କଂକ୍ରିଟ ବଦଳରେ ଖାଲି ବାଲି ଓ ମାଟି ଦେଇ ପୋତା ଯାଇଥିବାରୁ ରାସ୍ତା ସାରା ଖାଲଡିପରେ ଭର୍ତ୍ତି ହୋଇଛି । ଗତ ୨ ଦିନ ହେଲା ବର୍ଷା ଯୋଗୁ ରାସ୍ତା ଚିକିଟା କାଦୁଅରେ ଭର୍ତ୍ତି ହୋଇଥିବାରୁ ଯାତାୟାତରେ ବାଧା ସୃଷ୍ଟି ପ୍ରଶାସନ ପକ୍ଷରୁ ତୁରନ୍ତ ରାସ୍ତା ମରାମତି କରାଯିବାକୁ ଦାବି ହୋଇଛି ।

# ଖଣି ନିୟମ ଉଲ୍ଲଙ୍ଘନ, ରାଜସ୍ୱ ହରାଉଛନ୍ତି ସରକାର

ନବରଙ୍ଗପୁର,୨୦ ।୩(ସଦାଶିବ ପ୍ରହରାଜ)



**■୩ ମିଟର ପରିବର୍ତ୍ତେ ୬୦ ଫୁଟ ନିମ୍ନକୁ ଖୋଳିଲାଣି ଠିକା ସଂସ୍ଥା**

**■ରାଜସ୍ୱ ଅଧିକାରୀ, ପ୍ରଶାସନର ଅନୁକମ୍ପା ଉପରେ ଉଠୁଛି ପ୍ରଶ୍ନ**

ଭାରତମାଳା ସଡ଼କ ପାଇଁ ଜିଲାର ବିଭିନ୍ନ ତହସିଲ ଅଧୀନରେ ପଥର କ୍ୱାରି ଠିକା ସଂସ୍ଥାଗୁଡ଼ିକୁ ଲିଜ୍‌ରେ ପ୍ରଦାନ କରାଯାଇଛି। ଅନେକ ଅଞ୍ଚଳରେ ବେସରକାରୀ ଜମିରୁ ପଥର ଫଟାଇ ନିଆଯାଉଛି। ପଥର, ମୋରମ ଓ ନଦୀରୁ ବାଲି ଉଠାଇବା ସହ ଅନେକ ମୂଲ୍ୟବାନ୍ ଗଛ ମଧ୍ୟ କାଟି ଦିଆଯାଉଛି। ଆବଶ୍ୟକଠାରୁ ଅଧିକ ପଥର କ୍ୱାରି କରାଯାଇ ବେଆଇନଭାବେ ଭାରତମାଳା ରାସ୍ତା ନିର୍ମାଣ କାର୍ଯ୍ୟରେ ନିୟୋଜିତ ଠିକାଦାରମାନେ ପଥର ଉଠାଉଛନ୍ତି। ରାଜସ୍ୱ ଲୁଟ ହେଉଥିବା ନେଇ ଜିଲା ପ୍ରଶାସନ ନିକଟରେ ଠିକ୍ ଖବର ନ ଥିବା ବିଡ଼ମ୍ବନାର ବିଷୟ।

ନିୟମିତ ବ୍ୟବଧାନରେ ତହସିଲଦାରଙ୍କୁ ନେଇ ଜିଲାସ୍ତରରେ ବୈଠକ ହେଉଛି। ତଥାପି ଭାରତମାଳା ରାସ୍ତା ପାଇଁ ଠିକାଦାରମାନେ କେଉଁଠାରୁ କେତେ ପରିମାଣର ପଥର, ମୋରମ ଓ ବାଲି ଉଠାଉଛନ୍ତି ତାହାର ତଥ୍ୟ ନାହିଁ। ଏସବୁ ଦେଖିବା ପାଇଁ ରାଜସ୍ୱ ନିରୀକ୍ଷକଙ୍କଠାରୁ ଆରମ୍ଭ କରି ତହସିଲଦାରମାନେ ରହିଛନ୍ତି। ଏହା ବ୍ୟତୀତ ମାଇନ୍ସ ବିଭାଗ ମଧ୍ୟ ରହିଛି। ରାଜସ୍ୱ ହାନି, ଭାରତମାଳା ପାଇଁ ଜିଲାରେ କେଉଁ ତହସିଲ ଅଧୀନରେ କେତେ ପଥର କ୍ୱାରି ଓ ବାଲିଘାଟ ସହ ମୋରମ ଖାଦାନ ପାଇଁ ଅନୁମତି ଦିଆଯାଇଛି ବୋଲି ଅଭିଯୋଗକଲେ ମଧ୍ୟ ଏହାର ତଥ୍ୟ ଦିଆଯାଉନାହିଁ। ଜିଲାପାଳଙ୍କ ନିକରେ ଅଭିଯୋଗ ହେଲେ ଅତିରିକ୍ତ ଜିଲାପାଳ, ଡିଏଫ୍‌ଓଙ୍କୁ ଚିଠି ପଠାଇ ଦିଆଯାଉଛି। ଅତିରିକ୍ତ ଜିଲାପାଳ ଉପଜିଲାପାଳଙ୍କ ନିକଟକୁ ଅଭିଯୋଗ ପତ୍ର ପ୍ରେରଣ କରି ଦେଉଛନ୍ତି। ତହସିଲରେ ଅଭିଯୋଗ ହେଲେ ତହସିଲଦାର ଠିକା ସଂସ୍ଥାଙ୍କୁ ଡିମାଣ୍ଡ ନୋଟିସ ଦିଆଯିବା ଓ ମାଇନ୍ସ ବିଭାଗକୁ ମାପଚୁପ କରି ରିପୋର୍ଟ ଦେବାକୁ ଚିଠି କରାଯାଇଥିବା କହୁଛନ୍ତି। କିନ୍ତୁ ଠିକା ସଂସ୍ଥାଙ୍କଠାରୁ କୋଟି କୋଟି ଟଙ୍କା ବକେୟା ରାଜସ୍ୱ ଆଦାୟ କରାଯାଇ ପାରୁନାହିଁ।

ଜିଲାରେ ଜଣେ ଜଣେ କରି ନୂତନ ତହସିଲଦାର ଆସୁଛନ୍ତି। ତଥାପି ଭାରତମାଳା ଠିକା ସଂସ୍ଥାଠାରୁ କିଭଳି ରାଜସ୍ୱ ଆଦାୟ କରାଯିବ ସେ ସମ୍ପର୍କରେ ଉଦ୍ୟମ କରା ନ ଯିବା ରାଜସ୍ୱ ବିଭାଗର ପାରିବାପଣିଆ ଉପରେ ପ୍ରଶ୍ନ ଉଠାଉଛି। ପାପଡ଼ାହାଣ୍ଡି ତହସିଲ ଅଧୀନରେ ଭାରତମାଳା ଠିକା ସଂସ୍ଥା ୩୦ ହଜାର ସିଏମ୍ ପଥର ଉଠାଇ ୫୩ ଲକ୍ଷ ଟଙ୍କା ଜମା କରିଥିଲେ। ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟକୁ ଆଧାର କରି ଆହୁରି ଅଧିକ ୩୫ ହଜାର ପଥର ଉଠାଇଥିବାରୁ ଏ ବାବଦକୁ ୬୨ ଲକ୍ଷ ଟଙ୍କା ରାଜସ୍ୱ ଦେବାକୁ ଠିକା ସଂସ୍ଥାକୁ ଡିମାଣ୍ଡ ନୋଟିସ ଜାରି କରାଯାଇଛି। ଚିଠି କରାଯିବାର ମାସ ମାସ ବିତିଗଲେ ମଧ୍ୟ ରାଜସ୍ୱ ଆଦାୟ ହେଉନାହିଁ। ସରକାରୀ ନିୟମ ଉଲ୍ଲଂଘନ କରି ସଂସ୍ଥା ଅନୁମତିରୁ ଅଧିକ ମାତ୍ରାରେ ପଥର ଉଠାଇ ଚାଲିଛନ୍ତି । ୩ ମିଟର ମଧ୍ୟରେ ଖନନ ପରିବର୍ତ୍ତେ ୫୦ ଫୁଟ ଗଭୀରରୁ ଊର୍ଦ୍ଧ୍ୱ ଖୋଳାଯାଇ ପଥର ଉଠାଇ ନିଆଯାଉଛି। ସବୁ ଜାଣିଶୁଣି ପ୍ରଶାସନିକ ଅଧିକାରୀ ଓ ତହସିଲ କର୍ମଚାରୀ ନୀରବ ରହିବାରୁ ସରକାର ବ୍ୟାପକ ରାଜସ୍ୱ ହରାଉଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ଏଭଳି ଘଟଣା ଜିଲାର ନବରଙ୍ଗପୁର, ଡାବୁଗାଁ, ପାପଡ଼ାହାଣ୍ଡି ଉମରକୋଟ ତହସିଲରେ ଘଟିଥିବା ଅଭିଯୋଗ ହୋଇଛି। ଏ ନେଇ ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ(ରାଜସ୍ୱ)ଙ୍କୁ ପଚାରିବାରୁ ବିଭୂତି ପ୍ରସାଦ ପଣ୍ଡା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ମୋତେ ଚିଠି ପଠାଇଛନ୍ତି। ଉପଜିଲାପାଳଙ୍କୁ ଏହାର ତଦନ୍ତ କରିବାକୁ ଦିଆଯାଇଛି। ତେବେ କେତେଗୋଟି ପଥର କ୍ୱାରି, କେତେ ପରିମାଣର, ବାଲିଘାଟ,ମୋରମ ଖାଦାନ ଦିଆଯାଇଛି ବୋଲି ପଚାରିବାରୁ ତହସିଲମାନଙ୍କୁ ପଚାରିବାକୁ ପଡ଼ିବ ବୋଲି କହିଥିଲେ। ଭାରତମାଳା ରାସ୍ତା ପାଇଁ ଠିକା ସଂସ୍ଥାମାନେ କେଉଁ ଅଞ୍ଚଳରୁ କେତେ ପରିମାଣ ପଥର, ବାଲି ଆଦି ଉଠାଉଛନ୍ତି ଓ କେତେ ରାଜସ୍ୱ ଆଦାୟ ହୋଇଛି ତାହାର ତଥ୍ୟ ଜିଲା ପ୍ରଶାସନ ନିକଟରେ ନାହିଁ। ଯଦି ରହିଛି ତେବେ ସ୍ପଷ୍ଟ ତଥ୍ୟ ଲୁଚାଇ ଦିଆଯାଉଛିକି ବୋଲି ପ୍ରଶ୍ନ ଉଠୁଛି। ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଗୁରୁତ୍ୱ ଦେଲେ ହରାଉଥିବା ରାଜସ୍ୱ ଓ ଠିକା ସଂସ୍ଥାଙ୍କ ମନମାନି ଉପରେ ରୋକ ଲଗାଯାଇପାରିବ ବୋଲି ଚର୍ଚ୍ଚା ହେଉଛି।

# ବ୍ଲାକମେଲର ପ୍ରେମିକ ଗିରଫ

ଦାମନଯୋଡ଼ି, ୨୦।୩ (ମାନସ ରଞ୍ଜନ କର)



ନିଜକୁ ଅବିବାହିତ ଦର୍ଶାଇ ସୋସିଆଲ ମିଡ଼ିଆ ଫେସ୍‌ବୁକ୍‌ରେ ତିଆରି କରିଥିଲେ ଫେକ୍ ଆକାଉଣ୍ଟ। ଉକ୍ତ ଆକାଉଣ୍ଟରୁ ନାବାଳିକା ଓ ଯୁବତୀଙ୍କୁ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇ କଥାବାର୍ତ୍ତା ଆରମ୍ଭ କରୁଥିଲେ। ଏହାପରେ ସେମାନଙ୍କୁ ପ୍ରେମ ଜାଲରେ ଫସାଇ ସେମାନଙ୍କ ଫଟୋକୁ ଅଶ୍ଳୀଳଭାବେ ଏଡିଟିଂ କରି ବ୍ଲାକମେଲ କରୁଥିଲେ। ଏପରି ଅଭିଯୋଗ କୋରାପୁଟ ଜିଲା ଦାମନଯୋଡ଼ି ଥାନାରେ କରାଯାଇଛି। ପୋଲିସ ଘଟଣାକୁ ଗୁରୁତର ସହ ନେଇ ବ୍ଲାକମେଲର ପ୍ରେମିକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଭିତରଭେଜାପୁଟ ଗ୍ରାମର ତ୍ରିନାଥ ସାହୁ(ଲିପୁନ)। ସେ ବିବାହିତ ହୋଇଥିବାବେଳେ ତାଙ୍କର ଜଣେ ଝିଅ ଅଛି।

ସୂଚନାନୁଯାୟୀ ଲିପୁନ୍ ନିଜକୁ ଅବିବାହିତ ଦର୍ଶାଇ ଫେସବୁକରେ ଅନ୍ୟ ଯୁବକଙ୍କ ଫଟୋ ଓ ନାମ ବ୍ୟବହାର କରି ଅଞ୍ଚଳର ଯୁବତୀ ଓ ନାବାଳିକାଙ୍କୁ ପ୍ରେମ ଜାଲରେ ଫସାଉଥିଲେ। ଏହାପରେ ସମ୍ପୃକ୍ତ ଯୁବତୀ ଓ ନାବାଳିକାଙ୍କ ଫଟୋକୁ ଅଶ୍ଳୀଳଭାବେ ଏଡିଟିଂ କରି ଇନଷ୍ଟାଗ୍ରାମରେ ସେୟାର କରିଦେବି କହି ବ୍ଲାକମେଲିଂ କରୁଥିଲେ। ଏନେଇ ତାଙ୍କ ବିରୋଧରେ ଦାମନଯୋଡି ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଦାମନଯୋଡି ଥାନା ଅଧିକାରୀ ପ୍ରମିଳା ବିଡିକା ଘଟଣାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲେ। ପୋଲିସ କେସ୍ ନଂ ୪୧/୨୪ରେ ଅଭିଯୁକ୍ତ ତ୍ରିନାଥଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କୁ ପୋକ୍‌ସୋ ଆକ୍ଟରେ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ କହିଛନ୍ତି। ଯଦି କେହି ଏଭଳି ବ୍ଲାକମେଲିଂର ଶିକାର ହେଉଥିବେ ତେବେ ନିର୍ଭୟରେ ଥାନାର ଆଶ୍ରୟ ନେବାକୁ ଥାନାଧିକାରୀ ବିଡକା ପରାମର୍ଶ ଦେଇଛନ୍ତି।

# ମଦ କାରବାରରେ ଲାଗିବ ରୋକ: ଏସ୍‌ଡିପିଓ

ଜୟପୁର, ୨୦।୩ (ପବନ ପାଣିଗ୍ରାହୀ)



ଏସ୍‌ଡିପିଓ ଖବରଦାତାଙ୍କୁ ସୂଚନା ଦେଉଛନ୍ତି।

କୋରାପୁଟ ଜିଲା ଜୟପୁର ଏସ୍‌ଡିପିଓଭାବେ ଆଇପିଏସ୍ ଅଙ୍କିତ କୁମାର ବର୍ମା ଦାୟିତ୍ୱ ନେଇଛନ୍ତି। ଦାୟିତ୍ୱ ନେବା ପରେ ବୁଧବାର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଖବରଦାତାଙ୍କ ସହ ଆଲୋଚନା କରିଛନ୍ତି। ବିଭିନ୍ନ ବିଭାଗ ସହ ଆଲୋଚନାକରି ଟ୍ରାଫିକ ସମସ୍ୟା ସମାଧାନ, ଆଇନଶୃଙ୍ଖଳା ବ୍ୟବସ୍ଥା ସୁଧାର ଉପରେ ଗୁରୁତ୍ୱ ଦିଆଯିବ ବୋଲି ସେ କହିଛନ୍ତି। ସହରର ଗଳିକନ୍ଦିରେ ଦେଶୀ ମଦ ବିକ୍ରିରେ ରୋକ୍, ଠିପି ବନ୍ଦ ଦୋକାନରେ ଠିପି ଖୋଲା ବିକ୍ରୟକୁ ବନ୍ଦ ଓ ଗହଳି ନ କରିବା, ଫାମ୍ପୁଣିରେ ଦେଶୀ ମଦ କାରବାର ଓ କାଠ ଚାଲାଣ, ଗଞ୍ଜେଇ ଚାଲାଣ ରୋକିବା, ସହରରେ ରୋଡ୍ ରୋମିଓ ଓ ସ୍ପିଡ୍ ବାଇକ ଚାଳକଙ୍କ ଉପରେ ମଧ୍ୟ ପୋଲିସ ନଜର ରଖିବ ବୋଲି ସେ କହିଛନ୍ତି। ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ନଜର ରଖାଯିବ। ଫେରାର ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଛି। ଜନସାଧାରଣ ପୋଲିସକୁ ସହଯୋଗ କରନ୍ତୁ ବୋଲି ସେ କହିଛନ୍ତି। ସହରରେ ଅଧିକ ସିସିଟିଭି କ୍ୟାମେରା ଲଗାଯିବା ସହ ପାଟ୍ରୋଲିଂ କଡ଼ାକଡ଼ି କରାଯିବ। ସହରରେ ଚୋରି, ଲୁଟ ବଢୁଥିବାରୁ ତାହାକୁ ନିୟନ୍ତ୍ରଣରେ ରଖିବାକୁ ପୋଲିସ ଉଦ୍ୟମ କରିବ। ସାଧାରଣ ନିର୍ବାଚନ ନେଇ ଗହଳି ରହୁଥିବା ଛକ ସ୍ଥାନରେ ଅଯଥା ଗହଳି ନ କରିବା, ପୋଲିସ ଫୋର୍ସ ସବୁ ସ୍ଥାନରେ ମୁତୟନ କରାଯାଇଥିବା ସେ କହିଛନ୍ତି।

## ସଂକ୍ଷେପରେ

### ମଦ ଚାଲାଣ ବେଳେ ଚଢ଼ାଉ, ଜଣେ ଗିରଫ

ଜୟପୁର, ୨୦।୩ (ପବନ ପାଣିଗ୍ରାହୀ)
ଦେଶୀ ଓ ବିଦେଶୀ ମଦ ଚାଲାଣବେଳେ ଜୟପୁର ଅବକାରୀ ଥାନା ପକ୍ଷରୁ ଚଢ଼ାଉ କରାଯାଇ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ନୁଆପୁଟ ଗ୍ରାମର ଜଗନ୍ନାଥ ପରଜା (୪୩)। ମଦ ଚାଲାଣ ହେଉଥିବା ଖବରପାଇ ଜୟପୁର ଅବକାରୀ ଥାନା କର୍ମଚାରୀ ନୁଆପୁଟ ଗ୍ରାମ ରାସ୍ତାରେ ଚଢାଉ କରିଥିଲେ। ଚଢାଉ ବେଳେ ଅଭିଯୁକ୍ତଙ୍କଠାରୁ ୬.୫ ଲିଟର ବିଦେଶୀ ଓ ୮ ଲିଟର ଦେଶୀ ମଦ ମିଳିଥିବା ଜୟପୁର ଅବକାରୀ ଥାନା ଓଆଇସି ନିଳାଦ୍ରୀ ବିହାରୀ ମିଶ୍ର ସୂଚନା ଦେଇଛନ୍ତି।

### ସ୍ତ୍ରୀଙ୍କୁ ନିର୍ଯାତନା, ସ୍ୱାମୀଙ୍କ ନାମରେ ମାମଲା

ଜୟପୁର, ୨୦।୩ (ପବନ ପାଣିଗ୍ରାହୀ)
ସ୍ତ୍ରୀଙ୍କୁ ଶାରିରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ନେଇ ଜୟପୁର ମହିଳା ଥାନାରେ ଲଖନ ଜୟପୁରିଆଙ୍କ ନାମରେ ବୁଧବାର ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ଲଖନଙ୍କ ନାମରେ ମାମଲା ରୁଜୁ ହୋଇଥିବା ଜୟପୁର ମହିଳା ଥାନାଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି। ପୋଲିସ ସୂଚନାନୁଯାୟୀ ଜୟପୁପର ସଦର ଥାନା ଅଧୀନ ପାତ୍ରପୁଟର ତୁଳା ଜୟପୁରିଆ ୧୧ ବର୍ଷ ତଳେ ଲଖନ ଜୟପୁରିଆଙ୍କୁ ବିବାହ କରିଥିଲେ। ସ୍ୱାମୀ ତାଙ୍କୁ ଶାରିରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ନେଇ ସେ ବୁଧବାର ଲିଖିତ ଅଭିଯୋଗ କରିବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଶିଶୁ ଅଧିକାର ସମନ୍ୱୟ କର୍ମଶାଳା




କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

କୋରାପୁଟ,୨୦।୩ (ଅମିତାଭ ବେହେରା)

କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ବୁଧବାର ଏକତା ଅନୁଷ୍ଠାନ ପକ୍ଷରୁ 'ଜିଲାସ୍ତରୀୟ ଶିଶୁ ଅଧିକାର ସମ୍ପର୍କିତ ସମନ୍ୱୟ କର୍ମଶାଳା' ଅନୁଷ୍ଠିତ ହୋଇଯାଇଛି। ଏକତା ଅନୁଷ୍ଠାନ ସମ୍ପାଦକ ଜଗନ୍ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦଶମନ୍ତପୁର ବ୍ଲକର ପି. ବେଡ଼ାପଦର, ଲୁଲା ଏବଂ ବୋରିଗୁମ୍ମା ବ୍ଲକର କାଠରଗଡ଼ା, ହରିଡ଼ାଗୁଡା ପଞ୍ଚାୟତରୁ ଶିଶୁ ସଂସଦ ଦଳ, ଶିଶୁ ସାମ୍ବାଦିକ, ସାଥୀ ଦଳର ଶିଶୁମାନେ ଯୋଗଦେଇଥିଲେ। ଶିଶୁମାନେ ନିଜ ନିଜ ଅଞ୍ଚଳରେ ରହିଥିବା ବିଭିନ୍ନ ସମସ୍ୟା ବାଲ୍ୟବିବାହ, ବିଦ୍ୟାଳୟ ଛାଡୁଥିବା ପିଲାଙ୍କ ସମସ୍ୟା, ଶିଶୁ ଶ୍ରମିକ ଆଦି ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। କର୍ମଶାଳାରେ ଅତିଥି ଭାବେ ବରିଷ୍ଠ ଖବରଦାତା ସିଏଚ୍ ସାନ୍ତାକାର, ଏସ୍.ଏମ୍. ଗୁରୁ, ଅମିତାଭ ବେହେରା, ଶ୍ରୀକାନ୍ତ ସାହୁ , ଅମିତ ହୋତା, ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସେମାନେ ଶିଶୁମାନଙ୍କ ଅଧିକାରକୁ ନେଇ ରହିଥିବା ବିଭିନ୍ନ ଅସୁବିଧା ଯଥା ଶିଶୁ ଶ୍ରମିକ, ବାଲ୍ୟବିବାହ, ବିଦ୍ୟାଳୟ ବାହାରେ ଥିବା ଶିଶୁ କିପରି ମୁଖ୍ୟ ସ୍ରୋତକୁ ଆସିପାରିବେ ଏବଂ ସୁଚାରୁ ରୂପେ କିପରି ସେମାନଙ୍କର ଅଧିକାରକୁ ପ୍ରତିପାଦନ କରିପାରିବେ ସେ ଉପରେ ଆଲୋକପାତ କରିଥିଲେ। ସେହିପରି ବିଭିନ୍ନ ଶିଶୁ ଦଳ ଏବଂ ଅଞ୍ଚଳରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଏବଂ ଏହାର ସଫଳତା, ବିଭିନ୍ନ ଅଭିଜ୍ଞତା ସମ୍ପର୍କରେ ସମ୍ମିଳନୀରେ ଉପସ୍ଥାପନା କରାଯାଇଥିଲା। ଏଥିସହ ଶ୍ରେୟା ପ୍ରକଳ୍ପ ଦ୍ୱାରା ହାତକୁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକୁ ଏଠାରେ ଶିଶୁମାନେ ଉପସ୍ଥାପିତ କରିଥିଲେ। ଏଥିସହ ଶିଶୁଙ୍କ ଦ୍ୱାରା ଉପସ୍ଥାପିତ ବିଭିନ୍ନ ଅଭିଜ୍ଞତାକୁ କିପରି ଆଗାମୀ ଦିନରେ ଶିଶୁଙ୍କ ନେତୃତ୍ୱରେ ଆଗକୁ ସଫଳତା ହାସଲ କରିବେ, ସେଥିପାଇଁ ଉପସ୍ଥିତ ଖବରଦାତାଙ୍କ ମତାମତ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଶିଶୁମାନଙ୍କର ଏକ ସ୍ୱତନ୍ତ୍ର ପୃଷ୍ଠାର ସ୍ଥାନ ସୁଯୋଗ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଅନୁଷ୍ଠାନର ସମ୍ପାଦକ ଜଗନ୍ନାଥ ମିଶ୍ର ପ୍ରକଳ୍ପର ଆରମ୍ଭ ଏବଂ ଉଦ୍ଦେଶ୍ୟକୁ ପ୍ରକାଶ କରିଥିଲେ। ପ୍ରକଳ୍ପ ପରିଚାଳିକା ମାମିନା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଡମ୍ବୁରୁଧର ମହ୍ମି, ପୁଷ୍ପିତା ହିଆଲ,ବେଣୁଧର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ଜୟପୁର ଅବକାରୀ ବିଭାଗର ଚଢ଼ାଉ , ୩ ଗିରଫ

ଜୟପୁର, ୨୦।୩ (ପବନ ପାଣିଗ୍ରାହୀ)

ଜୟପୁର ଅବକାରୀ ନିରିକ୍ଷକ କାଯ୍ୟାଳୟ କର୍ମଚାରୀ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୁଳାସର ଗ୍ରାମର ସୁନାଦେଇ ହରିଜନ, ସୁନାଧର ହରଜନ ଓ ମଞ୍ଜୁ ହରିଜନ। ଅବକାରୀ ବିଭାଗ ସୂଚନାନୁଯାୟୀ ଦେଶୀ ମଦ ଚାଲାଣ ନେଇ ପ୍ରସ୍ତୁତି ଚାଲିଥିବା ମୁଳାସର ଗ୍ରାମ ନିକଟ କ୍ଷେତରେ ଚଢ଼ାଉ କରାଯାଇଛି। ସେଠାରୁ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୨୦ ଲିଟର ଦେଶୀ ମଦ ଜବତ ମିଳିଛି। ଚଢ଼ାଉରେ ଡିଏସ୍‌ଇ ସ୍ୱାଗତିକା ମହାନ୍ତିଙ୍କ ନେତୃତ୍ୱରେ ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ ଚଢ଼ାଉ କରିଥିଲେ।

# ସଶସ୍ତ୍ର ଡକାୟତି ଘଟଣାରେ ୨ ଅଭିଯୁକ୍ତଙ୍କୁ ସଶ୍ରମ କାରାଦଣ୍ଡ

ନବରଙ୍ଗପୁର,୨୦।୩(ସଦାଶିବ ପ୍ରହରାଜ)

ସଶସ୍ତ୍ର ଡକାୟତି ଘଟଣାରେ ନବରଙ୍ଗପୁର ସହକାରୀ ସେସନ ଜଜ୍ ବିନୋଦ ବିହାରୀ ସାହୁ ୨ଜଣ ଅଭିଯୁକ୍ତଙ୍କୁ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତମାନେ ହେଲେ ଦଣ୍ଡାସି ସାହିର ବିଜୟ ମହାନ୍ତି ଓରଫ୍ ହରିଜନ ଓ ଦଶହରାପଦାର ତ୍ରିନାଥ ହରିଜନ। ସୂଚନାନୁଯାୟୀ, ଖାତିଗୁଡ଼ା ଗାଁର ଡାକ୍ତର ପ୍ରଦୀପ୍ତ କୁମାର ପ୍ରହରାଜଙ୍କ ଘରେ ୨୦୧୯ ଜାନୁଆରୀ ୧୧ରେ ସଶସ୍ତ୍ର ଡକାୟତି ହୋଇଥିଲା। ଥାନାରେ ଅଭିଯୋଗ ପରେ ପୋଲିସ କେସ୍ ନମ୍ବର ୨/୧୯ରେ ମାମଲା ରୁଜୁ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୋଗ ଫର୍ଦ୍ଦ କୋର୍ଟକୁ ଦାଖଲ ପରେ କୋର୍ଟ କେସ୍ ନମ୍ବର ୪୮/୧୯ରେ ମାମଲା ରୁଜୁ ହୋଇ ବିଚାରାଧୀନ ଥିଲା। ଅଦାଲତ ୨୩ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଉଭୟଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା ଓ ଅନାଦାୟେ ୬ ମାସ ଅଧିକ କାରାଦଣ୍ଡ ଭୋଗିବେ ବୋଲି ରାୟ ଶୁଣାଇଛନ୍ତି। ଏହି ମାମଲାକୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ରବୀନ୍ଦ୍ର ପ୍ରସାଦ ପାଢ଼ୀ ଓ ମୀନକେତନ ପୂଜାରୀ ପରିଚାଳନା କରିଥିଲେ।

# ଜଗନ୍ନାଥ ମନ୍ଦିରରୁ ଡଙ୍ଗରିଗୁଡ଼ା ଯିବ ଶୋଭାଯାତ୍ରା

ଉମରକୋଟ, ୨୦।୩(ସନ୍ତୋଷ ଶତପଥୀ)



ବୈଠକରେ ଆଲୋଚନା ଚାଲିଛି।

ଏପ୍ରିଲ ୯ ତାରିଖରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ କରାଯିବାକୁ ନେଇ ନବରଙ୍ଗପୁର ଉମରକୋଟ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ ନେତା ଜୟ ଦେବ କୁମାର ପରିଡ଼ା ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜଗନ୍ନାଥ ମନ୍ଦିରରୁ ଡଙ୍ଗରିଗୁଡ଼ା ଯାଏ ଏକ ବିଶାଳ ଶୋଭାଯାତ୍ରା କରାଯିବ ଏବଂ ଡିଏନ୍‌କେ ଖେଳ ପଡିଆ ଠାରେ ପିଲାଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେବ ବୋଲି ବୈଠକରେ ସ୍ଥିର ହୋଇଛି। ଏଥିସହ ଅନ୍ନ ପ୍ରସାଦ ସେବନ ବ୍ୟବସ୍ଥା ମଧ୍ୟ କରଯିବ। ହିନ୍ଦୁ ନବବର୍ଷକୁ ଯେମିତି ସମସ୍ତ ହିନ୍ଦୁ ପରିବାର ପକ୍ଷରୁ ପାଳନ କରାଯିବ ଏବଂ ସେହିଦିନ ଘର ସମ୍ମୁଖରେ ଝୋଟି ଅଙ୍କିବାକୁ କମିଟି ପକ୍ଷରୁ ଅନୁରୋଧ ଅନୁରୋଧ କରାଯାଇଛି। ସମସ୍ତ କାର୍ଯ୍ୟ ଯେପରି ଆଡ଼ମ୍ବର ଓ ଶୃଙ୍ଖଳାର ସହ ସମ୍ପନ୍ନ ହେବ ସେ ନେଇ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ବଣ୍ଟନ ହୋଇଛି। ଜୟଦେବ କୁମାର ପରିଡ଼ା ସଭାପତି, ବାଳକୃଷ୍ଣ ପଟ୍ଟନାୟକ ସମ୍ପାଦକ, ସତ୍ୟବ୍ରତ ସାମଲ ସହ ସମ୍ପାଦକ, କୋଷାଧ୍ୟକ୍ଷ ଭାବେ କୃପା ରାମ ସାହୁ ଓ କିଶୋର ଚନ୍ଦ୍ର ସାହୁ, ଅନ୍ନ ପ୍ରସାଦ ପ୍ରସ୍ତୁତି ପାଇଁ ବୃନ୍ଦାବନ ସାହୁ, ମାର୍କଣ୍ଡ ସାହୁ, ରଜତ ସାନ୍ତ୍ରା, ଅଶୋକ କୁମାର ପ୍ରଧାନ ଓ ପ୍ରଫୁଲ୍ଲ ପାତ୍ର ମନୋନୀତ ହୋଇଛନ୍ତି। ୧୬ ଜଣଙ୍କୁ ନେଇ ଅର୍ଥ ସଂଗ୍ରହ ସମିତି ଗଠନ କରାଯାଇଛି।

# ଝରିଗାଁରେ ନୂତନ ଜେଏମ୍ଏଫ୍‌ସି କୋର୍ଟ ଗୃହ ଭିତ୍ତିପ୍ରସ୍ତର

ଝରିଗାଁ, ୨୦।୩(କିଶୋର ଚନ୍ଦ୍ର ମଣ୍ଡଳ)



ଜେଏମ୍ଏଫ୍‌ସି କୋର୍ଟ ଗୃହର ଭିତ୍ତିପ୍ରସ୍ତର ଅବସରରେ ଜିଲା ଜଜ୍‌ଙ୍କ ସହ ରେଜିଷ୍ଟ୍ରାର ଏବଂ ଝରିଗାଁ ପ୍ରଥମ ଶ୍ରେଣୀ ବିଚାରପତି।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦରରେ ବୁଧବାର ଅପରାହ୍ନ ୪ଟା ୪୫ରେ ଆଭାସି ମାଧ୍ୟମରେ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଚରଣ ସିଂ ହାଇକୋର୍ଟ ଗୃହ କମିଟି ଅଧ୍ୟକ୍ଷ ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ନୂତନ ଜେଏମ୍ଏଫ୍‌ସି କୋର୍ଟ ଗୃହ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ହେଉଛି ଆଇନର ମନ୍ଦିର, ଏଣୁ ଶିଳାନ୍ୟାସର ପ୍ରାଥମିକତାକୁ ଗୁରୁତ୍ୱ ଦେବାକୁ ହାଇକୋର୍ଟ ମୁଖ୍ୟ ବିଚାରପତି ପ୍ରକାଶ କରିଥିଲେ। ଝରିଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଜଜ୍ ସଞ୍ଜୀବ ଦୁବେ, ରେଜିଷ୍ଟ୍ରାର ସୁକାନ୍ତ କିଶୋର ଜେନା, ଜେଏମ୍ଏଫ୍‌ସି ପ୍ରଥମ ଶ୍ରେଣୀ ବିଚାରପତି ନିଶା ଅଗ୍ରୱାଲ, ଉମରକୋଟ ଓକିଲ ସଂଘ ସଭାପତି ପ୍ରଶାନ୍ତ କୁମାର ସାହୁ, ସମ୍ପାଦକ ରାମ ନାୟକ, ବରିଷ୍ଠ ଆଇନଜୀବୀ ଝଡ଼େଶ୍ୱର ମାହାନ୍ତି, ଶ୍ରୀନିବାସ ପଟ୍ଟନାୟକ, ଶାନ୍ତନୁ ବାହିନୀପତି, ସୁବାସ ପଟ୍ଟନାୟକ, ଚନ୍ଦ୍ରଭାନୁ ନାୟକ, ସଞ୍ଜୟ ନାୟକ, ପ୍ରଦୀପ ଗାଉଁଟିଆଙ୍କ ସହ ବହୁ ଆଇନଜୀବୀ ଏବଂ ଝରିଗାଁ କୋର୍ଟର କର୍ମଚାରୀ ଉପସ୍ଥିତ ଥିଲେ। ଝରିଗାଁରେ ନିର୍ମାଣ ହେବାକୁ ଥିବା କୋର୍ଟ ଗୃହର ଅଟକଳ ମୂଲ୍ୟ ୩କୋଟି ୧୩ଲକ୍ଷ ଟଙ୍କା ରହିଛି।

# ସର୍ବନିମ୍ନ ମଜୁରି ଆଇନ କଡ଼ାକଡ଼ି ଲାଗୁ ଦାବି

**ଶ୍ରମ ଅଧିକାରୀଙ୍କୁ ଶ୍ରମିକ କର୍ମଚାରୀ ମିଳିତ କ୍ରିୟାନୁଷ୍ଠାନ କମିଟିର ଦାବିପତ୍ର**

ଜୟପୁର, ୨୦।୩ (ପବନ ପାଣିଗ୍ରାହୀ)



ଦାବି ଜଣାଇବାକୁ ଆସିଥିବା ଶ୍ରମିକ କର୍ମଚାରୀ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ।

ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଶ୍ରମିକ କର୍ମଚାରୀ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ଦାବିପତ୍ର ଜିଲା ଶ୍ରମ ଅଧିକାରୀ ବୃନ୍ଦାବନ ସେଠୀଙ୍କୁ ପ୍ରଦାନ କରାଯାଇଛି। ସେବା କାଗଜକଳ, କେସିସି ବ୍ୟାଙ୍କ, ପରିବହନ କର୍ମଚାରୀଙ୍କୁ ନେଇ ମିଳିତ କ୍ରିୟାନୁଷ୍ଠାନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

ସେବା କାଗଜକଳ ଶ୍ରମିକଙ୍କୁ ମାସ ମାସ ଧରି ଦରମା ଦେଉ ନାହିଁ । ଅବସରପ୍ରାପ୍ତ ମୃତ ଶ୍ରମିକଙ୍କ ପରିବାରକୁ ପିଏଫ୍ ଗ୍ରାଚ୍ୟୁଇଟି ବକେୟା ପାଉଣା କିଛି ମିଳୁନାହିଁ। ତେଣୁ କାଗଜକଳର ୪ ୟୁନିୟନ ଓ ମ୍ୟାନେଜମେଣ୍ଟର ମିଳିତ ବୈଠକ ଡକାଇବା ସହ ମ୍ୟାନେଜମେଣ୍ଟକୁ ଆସିବାରୁ ବାଧ୍ୟ କରାଯାଉ ବୋଲି ଦାବି ହୋଇଛି। କାଗଜକଳ, କେସିସି ବ୍ୟାଙ୍କ, ପରିବହନ ବିଭାଗର ଅବସରପ୍ରାପ୍ତ ଓ ମୃତ ଶ୍ରମିକ କର୍ମଚାରୀଙ୍କ ଗ୍ରାଚ୍ୟୁଇଟି କେସ୍ ତ୍ୱରାନ୍ୱିତ, ବିଭିନ୍ନ ଆଳରେ ତାରିଖ ଘୁଞ୍ଚାଇ ବୃଦ୍ଧାବସ୍ଥାରେ ଶ୍ରମିକଙ୍କୁ ହଇରାଣ ହରକତ କରା ନ ଯିବା, ସର୍ବନିମ୍ନ ମଜୁରି ଆଇନକୁ କଡ଼ାକଡ଼ି ଭାବେ ଲାଗୁକରିବା, ଜୟପୁର ଓ କୋରାପୁଟ ଜିଲାର ସମସ୍ତ ଶିଳ୍ପ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଆଇନ ଅନ୍ତର୍ଗତ ତନଖି କରି ଶ୍ରମିକଙ୍କୁ ନ୍ୟାୟ ଦିଆଯିବାକୁ ଦାବି ହୋଇଛି। ଇପିଏଫ୍ ପେନ୍‌ସନର୍ସଙ୍କୁ ସର୍ବନିମ୍ନ ୯ ହଜାର ଟଙ୍କା ପେନ୍‌ସନ ସହ ମହଙ୍ଗା ଭତ୍ତା, ସମସ୍ତଙ୍କୁ ବିଜୁ ସ୍ୱାସ୍ଥ୍ୟସେବା ସୁବିଧାରେ ଅନ୍ତର୍ଭୁକ୍ତ କରିବାକୁ ଦାବି ହୋଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ଉମାକାନ୍ତ ରଥ, ପ୍ରଦୀପ ପାଙ୍ଗିଆ, ବୈଜୟନ୍ତୀ ପଣ୍ଡା, ଅଞ୍ଜନା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

